## ସଂକ୍ଷେପରେ

### ମତସାବ୍ୟସ୍ତ କରିବାକୁ ଜିଲାପାଳଙ୍କ ନିବେଦନ

ଭଦ୍ରକ,୨୯।୫ (ସନାତନ ରାଉତ)

ଲୋକସଭା ଓ ଓଡ଼ିଶା ବିଧାନସଭା ଏକକାଳୀନ ସାଧାରଣ ନିର୍ବାଚନ-୨୦୨୪ ଅବସରରେ ଭଦ୍ରକ ଲୋକସଭା ଓ ଜିଲାର ୫ଟି ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ଆସନ୍ତା ଜୁନ୍ ୧ରେ ମତଦାନ କରାଯିବ। ସକାଳ ୭ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଏହି ମତଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ସଦ୍ୟ ପ୍ରକାଶିତ ଭୋଟର ତାଲିକାରେ ନାମ ଥିବା ଜିଲାର ସମସ୍ତ ମତଦାତା ନିଶ୍ଚିତ ମତଦାନ କରିବାକୁ ଜିଲା ନିର୍ବାଚନ ଅଧିକାରୀ ତଥା ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ସମସ୍ତ ଭୋଟରମାନଙ୍କୁ ନିବେଦନ କରିଛନ୍ତି। ମତଦାନ ଗଣତନ୍ତ୍ରର ସ୍ପନ୍ଦନ। ମତଦାନ ଭୋଟରମାନଙ୍କର ସାମ୍ବିଧାନିକ ଅଧିକାର। ସମସ୍ତ ଭୋଟର ନିଜ ନିଜ ବୁଥକୁ ଯାଇ ଶାନ୍ତି ଶୃଙ୍ଖଳାର ସହିତ ମତଦାନ କରନ୍ତୁ ବୋଲି ସେ ଭୋଟରଙ୍କୁ ଅନୁରୋଧ କରିଛନ୍ତି। ଆମ ଦେଶର ଗର୍ବ, ନିର୍ବାଚନର ପର୍ବରେ ସାମିଲ ହେବାକୁ ଜିଲାପାଳ ବାର୍ତ୍ତା ପ୍ରଦାନ କରିଛନ୍ତି।

### କମ୍ପ୍ୟୁଟର ଚୋରି ଅଭିଯୋଗରେ ୨ ଗିରଫ

ବାସୁଦେବପୁର,୨୯।୫(ନାରାୟଣ ପ୍ରସାଦ ବାରିକ୍)

ବାସୁଦେବପୁର- ଧାମରା ରାସ୍ତା ଚାନ୍ଦିମାଳ ଛକଠାରୁ ସୋମବାର ରାତ୍ରିକାଳୀନ ପାଟ୍ରୋଲିଂ ବେଳେ କମ୍ପ୍ୟୁଟର, କମ୍ପ୍ୟୁଟର ସାମଗ୍ରୀ, ଏକ ମହିନ୍ଦ୍ରା ଗାଡ଼ିରେ ଅନ୍ୟତ୍ର ଚାଲାଣ ହେଉଥିବା ବେଳେ କଷିଆ ସାମୁଦ୍ରିକ ଥାନା ପୋଲିସ ଜବତ କରିଥିଲା। ଚୋରି ସାମଗ୍ରୀଗୁଡ଼ିକ ସ୍ଥାନୀୟ କେକେଜିପି ହାଇସ୍କୁଲର ବୋଲି ଜଣାପଡ଼ିଥିଲା। ଏ ନେଇ ବିଦ୍ୟାଳୟର ପ୍ରଧାନଶିକ୍ଷକ ବସନ୍ତ ପ୍ରଧାନ କଷିଆ ସାମୁଦ୍ରିକ ଥାନାରେ ଅଭିଯୋଗ କରିବା ପରେ ମାମଲା (ନଂ ୬୨/୨୪) ରୁଜୁ ହୋଇଥଲା। କମ୍ପ୍ୟୁଟର ଚୋରି ଘଟଣାରେ ସାନକୃଷ୍ଣପୁର ପଞ୍ଚାୟତର ଡିହସାହି ଗ୍ରାମର ଅରୁଣ କୁମାର ବେହେରା(୩୧) ଓ ଭୋଜେନ୍ଦ୍ର ନାୟକ(୨୪)ଙ୍କୁ ପୋଲିସ ଗିରଫ କରିଛି। ଚୋରି ସାମଗ୍ରୀକୁ ପୋଲିସ ଜବତ କରିବା ସହ ଏକ ମହେନ୍ଦ୍ରା ଗାଡ଼ିକୁ ମଧ୍ୟ ଜବତ କରିଛି। ବାସୁଦେବପୁର ଥାନା ପରିସରରେ ଭଦ୍ରକ ସଦର ଏସ୍‌ଡିପିଓ ସୌରଭ ଓତା ଓ କଷିଆ ସାମୁଦ୍ରିକ ଥାନା ଆଇଆଇସି ସାବିତ୍ରୀ ପଣ୍ଡା ବୁଧବାର ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ଚୋରି ସାମଗ୍ରୀ ଉଦ୍ଧାର ସମ୍ପର୍କରେ ତଥ୍ୟ ପ୍ରଦାନ କରିଥିଲେ।

# ନିର୍ଣ୍ଣାୟକ ହେବ ସଂଖ୍ୟାଲଘୁ ଭୋଟ

## ଭଦ୍ରକ ବିଧାନସଭା କ୍ଷେତ୍ର

### ୩ ପ୍ରମୁଖ ଦଳ ମଧ୍ୟରେ ବିଗ୍ ଫାଇଟ୍

ଭଦ୍ରକ,୨୯।୫(ସନାତନ ରାଉତ)


ଅସିତ୍ ପଟ୍ଟନାୟକ


ପ୍ରଫୁଲ୍ଲ ସାମଲ


ସୀତାଂଶୁ ଶେଖର ମହାପାତ୍ର

ଭଦ୍ରକ ବିଧାନସଭା କ୍ଷେତ୍ରରେ ୨୦୧୯ ନିର୍ବାଚନରେ ଭାଜପା ଓ ବିଜେଡି ମଧ୍ୟରେ ମୁଖ୍ୟ ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। ୩୩ ହଜାରରୁ ଊର୍ଦ୍ଧ୍ୱ ଭୋଟରେ ବିଜେଡି ବିଜୟୀ ହୋଇଥିଲା। କଂଗ୍ରେସ ତୃତୀୟ ସ୍ଥାନରେ ରହିଥିବା ବେଳେ ଏଥର ପୂର୍ବତନ ମନ୍ତ୍ରୀ ଯୁଗଳ କିଶୋର ପଟ୍ଟନାୟକଙ୍କ ପୁଅ ତଥା ଭଦ୍ରକର ଯୁବନେତା ଅସିତ୍ ପଟ୍ଟନାୟକ କଂଗ୍ରେସରୁ ପ୍ରାର୍ଥୀ ହୋଇଛନ୍ତି। ତେଣୁ ଚଳିତ ବର୍ଷ ବିଗ୍ ଫାଇଟ୍ ହେବ ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି। ଅନ୍ୟପକ୍ଷେ ଏଠାରେ ସଂଖ୍ୟାଲଘୁଙ୍କ ସଂଖ୍ୟା ଅଧିକ ଥିବାରୁ ସେମାନଙ୍କ ଭୋଟ ଯାହା ପାଖକୁ ଯିବ ସେ ବିଜୟୀ ହେବା ସମ୍ଭାବନା ଅଧିକ ବୋଲି କୁହାଯାଉଛି।

ଅସିତ୍‌ଙ୍କୁ ବିଜେଡିରୁ ଟିକେଟ ନ ମିଳିବାରୁ ତାଙ୍କ ସମର୍ଥକଙ୍କ ସହିତ ସେ କଂଗ୍ରେସରେ ଯୋଗ ଦେଇଥିଲେ। ଅପରପକ୍ଷେ ବିଜେଡି ପ୍ରାର୍ଥୀ ବଦଳାଇ ଭଦ୍ରକ ବିଧାୟକ ସଞ୍ଜୀବ ମଲ୍ଲିକଙ୍କୁ ଭଣ୍ଡାରିପୋଖରୀ ପଠାଇଥିବା ବେଳେ ଭଣ୍ଡାରିପୋଖରୀର ବିଧାୟକ ପ୍ରଫୁଲ୍ଲ ସାମଲଙ୍କୁ ଏଠାରେ ପ୍ରାର୍ଥୀ କରିଛି। ପ୍ରଫୁଲ୍ଲ ପ୍ରାର୍ଥୀ ହେବା ପରେ ତାଙ୍କ ଗୋଟି ଚାଳନା କରି ସ୍ୱାଧୀନ ଭାବେ ଜିତିଥିବା ପୌରାଧ୍ୟକ୍ଷା ଗୁଲମକ୍କୀ ହବିବ ଓ ତାଙ୍କ ସ୍ୱାମୀ ଯୁବନେତା ଜାହିଦ ହବିବଙ୍କୁ ଦଳକୁ ଆଣିବାରେ ସଫଳ ହୋଇଛନ୍ତି। ନିକଟରେ ଗତଥରର ଭାଜପା ପ୍ରାର୍ଥୀ ଡ. ପ୍ରଦୀପ ନାୟକ, ଭାଜପା ମହିଳାମୋର୍ଚ୍ଚା ଜିଲା ସଭାନେତ୍ରୀ ହରପ୍ରିୟା ସାହୁଙ୍କ ସମେତ ବିଭିନ୍ନ ପଞ୍ଚାୟତର ସରପଞ୍ଚ ବିଜେଡିରେ ସାମିଲ ହୋଇଥିବାରୁ ଦଳ ମଜଭୁତ ହୋଇଥିବା କୁହାଯାଉଛି। ଅପରପକ୍ଷେ ଭାଜପା ଶହୀଦ ଭଗତସେନାର ଆବାହକ ଯୁବ ସାମାଜିକକର୍ମୀ ସୀତାଂଶୁ ଶେଖର ମହାପାତ୍ରଙ୍କୁ ପ୍ରାର୍ଥୀ କରିଛି। ଶହୀଦ ଭଗତ ସେନା ସଂଗଠନ ଜରିଆରେ ଭଦ୍ରକ ଜିଲାରେ ସୀତାଂଶୁଙ୍କ ସହ ବହୁ ଯୁବକ ରହିଛନ୍ତି। ସୀତାଂଶୁଙ୍କ ପାଇଁ ତାଙ୍କ ପୁରା ପରିବାର ପ୍ରଚାରରେ ଲାଗିଥିବା ବେଳେ ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ତଥା ବିଜେଡିର ଟାଣୁଆ ନେତା ମଳୟ ଜେନାଙ୍କ ସମେତ କେତେଜଣ ସରପଞ୍ଚଙ୍କୁ ତାଙ୍କ ସପକ୍ଷକୁ ଆଣିବାରେ ସଫଳ ହୋଇଛନ୍ତି। ତାଙ୍କ ପରିବାର ଭଦ୍ରକରେ ସଫଳ ବ୍ୟବସାୟୀ ଭାବେ ପ୍ରତିଷ୍ଠା ଲାଭ କରିଥିବା ବେଳେ ମୋଦିଙ୍କ ଗ୍ୟାରେଣ୍ଟିକୁ ନେଇ ସଂଗଠନକୁ ମଜଭୁତ କରିଛନ୍ତି। ସେ ପ୍ରଫୁଲ୍ଲଙ୍କୁ କଡ଼ା ଟକ୍କର ଦେବାରେ ସମର୍ଥ ହୋଇପାରିବେ ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି। ୩ ପ୍ରମୁଖ ଦଳ ମଜବୁତ ପ୍ରାର୍ଥୀ ଦେଇଥିବାରୁ ଏଥର ବିଗ୍ ଫାଇଟ୍ ହେବା ସହ ତ୍ରିମୁଖୀ ପ୍ରତିଦ୍ୱନ୍ଦ୍ୱିତା ନିଶ୍ଚିତ ହେବ ବୋଲି ଚର୍ଚ୍ଚା ହେଉଛି। ଅନ୍ୟପକ୍ଷେ ବିଜେଡିର ଭୋଟ ବ୍ୟାଙ୍କ ସଂଖ୍ୟାଲଘୁ ସମ୍ପ୍ରଦାୟର ଭୋଟର ହୋଇଥିବା ବେଳେ କଂଗ୍ରେସ ପ୍ରାର୍ଥୀ ଅସିତ୍ ଓ ତାଙ୍କ ବାପା ଯୁଗଳ ପଟ୍ଟନାୟକଙ୍କର ଭୋଟବ୍ୟାଙ୍କ ମଧ୍ୟ ରହିଛି। ତେବେ ଭଦ୍ରକର ସଂଖ୍ୟାଲଘୁ ଭୋଟ ନିର୍ଣ୍ଣାୟକ ହେଉଥିବା ବେଳେ କାହା ସପକ୍ଷରେ ଏହି ଭୋଟ ଯାଉଛି ତାହା ନିର୍ବାଚନ ଫଳାଫଳ ପରେ ସ୍ପଷ୍ଟ ହେବ।

# ମୋଦି ମିଛର ସର୍ଦ୍ଦାର: ଖାର୍ଗେ


ନିର୍ବାଚନୀ ସଭାରେ ମଲ୍ଲିକାର୍ଜ୍ଜୁନ ଖାଡ଼୍‌ଗେ।

ଚାନ୍ଦବାଲି,୨୯।୫ (କିଷାନ ପାତ୍ର)

ଓଡ଼ିଶାରେ ୨୫ ବର୍ଷର ଶାସନ ପରେ ମଧ୍ୟ ଅନ୍ୟ ରାଜ୍ୟ ତୁଳନାରେ ବିକାଶ ହୋଇପାରିନାହିଁ। ଓଡ଼ିଆ ଯୁବକ ନିଯୁକ୍ତି ନ ପାଇ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଉଛନ୍ତି। ବିଜେଡି ସରକାର ପରିବର୍ତ୍ତନ ହେବା ଦରକାର। ସେହିପରି କେନ୍ଦ୍ରରେ ଶାସନ କରୁଥିବା ଭାଜପା ଲୋକଙ୍କୁ ମିଛ ପ୍ରତିଶ୍ରୁତି ଦେଉଛି। ପ୍ରଧାନମନ୍ତ୍ରୀ ମୋଦି ମିଛର ସର୍ଦ୍ଦାର ବୋଲି ଭଦ୍ରକ ଜିଲା ଚାନ୍ଦବାଲି ନିର୍ବାଚନ ମଣ୍ଡଳୀର ମତୋଠାରେ କଂଗ୍ରେସ ପକ୍ଷରୁ ଆୟୋଜିତ ନିର୍ବାଚନୀ ସଭାରେ ଏଆଇସିସି ଅଧ୍ୟକ୍ଷ ମଲ୍ଲିକାର୍ଜ୍ଜୁନ ଖାର୍ଗେ କହିଛନ୍ତି।

ସଭାରେ ଖାର୍ଗେ କହିଛନ୍ତି, ୨୦୧୫-୧୬ ମସିହାରେ ମୋଦି କହିଥିଲେ, ରାସାୟନିକ ସାର, କୀଟନାଶକ, ଡିଜେଲ, ପେଟ୍ରୋଲ, ରନ୍ଧନ ଗ୍ୟାସ ଦର କମାଇବେ। କିନ୍ତୁ ଦର ବଢ଼ି ଚାଲିଲା। ସମସ୍ତଙ୍କ ବ୍ୟାଙ୍କ ଖାତାକୁ ୧୫ ଲକ୍ଷ ଟଙ୍କା ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ୨ କୋଟି ଯୁବକଙ୍କୁ ନିଯୁକ୍ତି ଦେବାର ପ୍ରତିଶ୍ରୁତି ମଧ୍ୟ ସବୁ ମିଛ ପ୍ରମାଣିତ ହେଲା। ଓଡ଼ିଶାର ବିଜେଡି ସରକାର ଓ କେନ୍ଦ୍ରର ଭାଜପା ସରକାର ମଧ୍ୟରେ ଭିତିରି ବୁଝାମଣା ଚାଲିଛି। ଉଭୟ ଓଡ଼ିଶା ଲୋକଙ୍କୁ ବୋକା ବନେଇ କ୍ଷମତାରେ ରହିଛନ୍ତି। ଓଡ଼ିଶାବାସୀ ଏମାନଙ୍କର ସବୁ କାର୍‌ନାମା ଜାଣିସାରିଲେଣି। ଏଥର କଂଗ୍ରେସକୁ ବହୁ ମତରେ ଜିତାଇବେ ବୋଲି ଖାର୍ଗେ ଦୃଢ଼ୋକ୍ତି ପ୍ରକାଶ କରିଥିଲେ। ଏହି ସଭାରେ ଓଡ଼ିଶା ପ୍ରଭାରୀ ଅଜୟ କୁମାର ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିରୋଧରେ ବର୍ଷିଥିଲେ। ଏହି ଭ୍ରଷ୍ଟ ସରକାରକୁ ବଦଳାଇବା ପାଇଁ ଲୋକଙ୍କୁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଦେଶ କଂଗ୍ରେସ କମିଟି ଉପସଭାପତି ତାରାପ୍ରସାଦ ବାହିନୀପତି, ମିନାକ୍ଷୀ ବାହିନୀ ପତି, ଭଦ୍ରକ ଲୋକସଭା ପ୍ରାର୍ଥୀ ଅନନ୍ତ ପ୍ରସାଦ ସେଠୀ, ଚାନ୍ଦବାଲି ବିଧାନସଭା ପ୍ରାର୍ଥୀ ଅମୀୟ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ରାଜ୍ୟରେ ଅଣଓଡ଼ିଆ ଶାସନ ଚାଲିଛି: ଧର୍ମେନ୍ଦ୍ର

ଚାନ୍ଦବାଲି,୨୯।୫(କିଷାନ ପାତ୍ର)

ରାଜ୍ୟରେ ଅଣଓଡ଼ିଆ ଶାସନ ଚାଲିଛି ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ଭଦ୍ରକ ସଂସଦୀୟ କ୍ଷେତ୍ରର ଚାନ୍ଦବାଲି ବିଧାନସଭା ନିର୍ବାଚନମଣ୍ଡଳୀରେ ବୁଧବାର ଭାଜପା ପକ୍ଷରୁ ଆୟୋଜିତ ରୋଡ୍ ଶୋ'ରେ ଯୋଗଦେବା ଅବସରରେ ଧର୍ମେନ୍ଦ୍ର ଏହା କହିଛନ୍ତି।

ବିଧାୟକ ପ୍ରାର୍ଥୀ ତଥା ଭାଜପା ରାଜ୍ୟ ସଭାପତି ମନମୋହନ ସାମଲଙ୍କ ପାଇଁ ପ୍ରଚାର କରି ଧର୍ମେନ୍ଦ୍ର କହିଛନ୍ତି, ରାଜ୍ୟରେ ଅଣଓଡ଼ିଆ ଶାସନ ଚାଲିଛି। ଏଥର ଓଡ଼ିଶାର ଲୋକେ ପରିବର୍ତ୍ତନ ଅପେକ୍ଷାରେ ଅଛନ୍ତି। ଜଣେ ଓଡ଼ିଆ ଲୋକକୁ ମୁଖ୍ୟମନ୍ତ୍ରୀ ଭାବେ ଓଡ଼ିଶାର ଶାସନ ଭାର ଦେବା ପାଇଁ ଲୋକ ସ୍ଥିର କରିସାରିଲେଣି ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି।

ଅପରାହ୍ନରେ ଧର୍ମେନ୍ଦ୍ର ଚାନ୍ଦବାଲିରେ ପହଞ୍ଚିବା ପରେ ଭାଜପା କାର୍ଯ୍ୟକର୍ତ୍ତା ତାଙ୍କୁ ସ୍ୱାଗତ କରିଥିଲେ। ପରେ ସେଠାରୁ ଏକ ବିଶାଳ ବାଇକ ଶୋଭାଯାତ୍ରାରେ ବାହାରି ଚାନ୍ଦବାଲି ବଜାର ପରିକ୍ରମା କରି ପୀରହାଟ ପର୍ଯ୍ୟନ୍ତ ଯାଇଥିଲେ। ରୋଡ୍ ଶୋ'ରେ କେନ୍ଦ୍ରମନ୍ତ୍ରୀଙ୍କ ସହିତ ଚାନ୍ଦବାଲି ବିଧାୟକ ପ୍ରାର୍ଥୀ ମନମୋହନ, ଭାଜପା ନେତ୍ରୀ ପିଙ୍କି ପ୍ରଧାନ, ଜିଲା ସମ୍ପାଦକ କମଳାକାନ୍ତ ସୂତାର, ରାଜ୍ୟ କୃଷକ ମୋର୍ଚ୍ଚା ସଦସ୍ୟ ଉପେନ୍ଦ୍ର ରାଉଳ ପ୍ରମୁଖ ଯୋଗ ଦେଇଥିଲେ।


ଚାନ୍ଦବାଲିରେ ଭାଜପା ପକ୍ଷରୁ ଆୟୋଜିତ ରୋଡ଼୍ ଶୋ'ରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ।

### ବିଜ୍ଞାନରେ ମଧୁଳିକା, କଳାରେ ଅନନ୍ୟା ଓ ବାଣିଜ୍ୟରେ ସୁତପା ଟପ୍ପର

**ଭଦ୍ରକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ**

ଭଦ୍ରକ,୨୯।୫(ସନାତନ ରାଉତ)

ଚଳିତ ବର୍ଷ ଯୁକ୍ତ ୨ ବାର୍ଷିକ ପରୀକ୍ଷାରେ ଭଦ୍ରକ ଉଚ୍ଚ-ମାଧ୍ୟମିକ ବିଦ୍ୟାଳୟର ପାଶ ହାର ବିଜ୍ଞାନରେ ୯୫.୪୬ ପ୍ରତିଶତ, କଳାରେ ୯୩.୬୮ ପ୍ରତିଶତ ଓ ବାଣିଜ୍ୟରେ ୯୩.୫୨ ପ୍ରତିଶତ ରହିଛି। ବିଜ୍ଞାନରେ ୫୩୧ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ପ୍ରଥମ ଶ୍ରେଣୀରେ ୪୦୮, ଦ୍ୱିତୀୟ ଶ୍ରେଣୀରେ ୭୦ ଓ ତୃତୀୟ ଶ୍ରେଣୀରେ ୨୭ ଜଣ ପାସ୍ କରିଛନ୍ତି। ସେହିପରି କଳାରେ ୫୦୯ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ପ୍ରଥମ ଶ୍ରେଣୀରେ ୨୫୦, ଦ୍ୱିତୀୟ ଶ୍ରେଣୀରେ ୮୪ ଓ ତୃତୀୟ ଶ୍ରେଣୀରେ ୧୪୧ ଜଣ ପାସ୍ କରିଛନ୍ତି। ବାଣିଜ୍ୟରେ ୨୪୮ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ପ୍ରଥମ ଶ୍ରେଣୀରେ ୧୬୯, ଦ୍ୱିତୀୟ ଶ୍ରେଣୀରେ ୩୭ ଓ ତୃତୀୟ ଶ୍ରେଣୀରେ ୨୬ ଜଣ ଅଛନ୍ତି। ତେବେ ୬୦୦ ନମ୍ବରରୁ ବିଜ୍ଞାନରେ ମଧୁଳିକା ମହାନ୍ତି ୫୪୩, କଳାରେ ଅନନ୍ୟା ରାଉତ ୫୨୫ ଓ ବାଣିଜ୍ୟରେ ସୁତପା ଗୁପ୍ତା ୫୬୧ ନମ୍ବର ରଖି ନିଜ ନିଜ ବିଭାଗରେ କଲେଜ ଟପ୍ପର ହୋଇଛନ୍ତି। କଲେଜ ଅଧ୍ୟକ୍ଷ ଡ. ଦୁର୍ଗାଶଙ୍କର ଦାସ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ଛାତ୍ରୀଛାତ୍ରମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

# ପଧାନପଡ଼ାରେ ବିଜେଡିର ମହିଳା ସଭା



ମହିଳା ସଭାରେ ମଞ୍ଚାସୀନ ନେତାମାନେ।

ବନ୍ତ,୨୯।୫(ହରି ନାରାୟଣ ମହାନ୍ତି)

ନିର୍ବାଚନ ଯେତିକି ପାଖେଇ ଆସୁଛି ବିଭିନ୍ନ ରାଜନୈତିକ ଦଳ ଓ ସ୍ୱାଧୀନ ପ୍ରାର୍ଥୀଙ୍କ ପକ୍ଷରୁ ପ୍ରଚାର ଜୋରଦାର ହେବାରେ ଲାଗିଛି। ଏହି ପରିପେକ୍ଷୀରେ ଭଦ୍ରକ ଜିଲା ବନ୍ତ ବ୍ଲକ ପଧାନପଡ଼ାଠାରେ ବିଜେଡି ପକ୍ଷରୁ ମହିଳାମାନଙ୍କୁ ନେଇ ଏକ ସଭା ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ନେତା ସେକ୍ ଜଲାଲଉଦ୍ଦୀନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମହିଳା ନେତ୍ରୀ ପ୍ରିୟଦର୍ଶିନୀ ମଲ୍ଲିକ, ତାହେରା ଖାତୁନ୍, ସରପଞ୍ଚ ଗଜେନ୍ଦ୍ର ସେଠୀ, ଯୁବନେତା ସମୀମ ନୱାଜ୍ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିବା ସହ ଆଗାମୀ ନିର୍ବାଚନରେ ବିଜେଡିର ଲୋକସଭା ପ୍ରାର୍ଥୀ ମଞ୍ଜୁଲତା ମଣ୍ଡଳ ଓ ଭଣ୍ଡାରିପୋଖରୀ ବିଧାନସଭା ପ୍ରାର୍ଥୀ ସଞ୍ଜୀବ କୁମାର ମଲ୍ଲିକଙ୍କୁ ବହୁ ସଂଖ୍ୟାରେ ଭୋଟ ଦେଇ ବିଜୟୀ କରିବାକୁ ନିବେଦନ କରିଥିଲେ। ଏଥିରେ ଆରତୀ ଘଡେଇ, ସବନା ଆଜମ୍, ସେକ୍ ସଦପ୍ କାଦୀର, ସେକ୍ ନାୟାରୁଦ୍ଦିନ୍, ସେକ୍ ରାଜା, ଆନନ୍ଦ ନାୟକ, ଅକ୍ଷୟ ଘଡେଇ, ଅଭିରାମ ସାହୁ, ସୁରେନ୍ଦ୍ର ସେଠୀ, ବାବାଜି ମାଝୀଙ୍କ ସମେତ ପଧାନପଡ଼ା ପଞ୍ଚାୟତର ୭, ୮ ଓ ୯ନଂ ୱାର୍ଡର ଶତାଧିକ ମହିଳା ଯୋଗ ଦେଇଥିଲେ ।

# ସରିଲା ୧୦ ଲକ୍ଷ୍ମୀ ବସ୍‌ଷ୍ଟାଣ୍ଡର କାମ

ବାସୁଦେବପୁର,୨୯।୫(ନାରାୟଣ ପ୍ରସାଦ ବାରିକ୍)

ଭଦ୍ରକ ଜିଲାର ବାସୁଦେବପୁର ଏକ ସମୁଦ୍ର ଉପକୂଳବର୍ତ୍ତୀ ଅଞ୍ଚଳ। ରାଜ୍ୟ ସରକାର ଗ୍ରାମାଞ୍ଚଳର ଜନସାଧାରଣ ଓ ଯାତ୍ରୀଙ୍କର ଯାତାୟତର ସୁବିଧା ନିମନ୍ତେ ଲକ୍ଷ୍ମୀବସ୍ ଯୋଜନା କାର୍ଯ୍ୟକାରୀ କରିବା ପରେ ଗୋଟିଏ ଲକ୍ଷ୍ମୀବସ୍ ବାସୁଦେବପୁର ବ୍ଲକ ଅଞ୍ଚଳରେ ଏବେ ଚଳାଚଳ କରୁଛି। ଏବେ ରାଜ୍ୟରେ ନିର୍ବାଚନ ଆଚରଣବିଧି ଲାଗୁ ରହିଥିବାରୁ ଆଉ ୨ଟି ଲକ୍ଷ୍ମୀ ବସ ଏହି ବ୍ଲକ ପାଇଁ ଅନୁମୋଦିତ ହୋଇଥିବା ବେଳେ ଏହି ବସ ଆସିବାରେ ବିଳମ୍ବ ହୋଇଛି। ନିର୍ବାଚନ ଆଚରଣ ଉଠିବା ପରେ ଅନ୍ୟ ଦୁଇଟି ଲକ୍ଷ୍ମୀବସ ଏହି ବ୍ଲକକୁ ଆସିବା ସହିତ ବିଭିନ୍ନ ପଞ୍ଚାୟତକୁ ଏହି ବସ ଚଳାଚଳ କରିବ। ବାସୁଦେବପୁର ବ୍ଲକର ୩୬ଟି ପଞ୍ଚାୟତର ବିଭିନ୍ନ ସଂଯୋଗକାରୀ ରାସ୍ତା ଓ ସମସ୍ତ ପଞ୍ଚାୟତକୁ ସଂଯୋଗ କରିବା ପାଇଁ ଯେଉଁ ରୁଟ୍‌ଚାର୍ଟ କରାଯାଇଛି ତାହା ଆଧାରରେ ୪୨ଟି ଲକ୍ଷ୍ମୀବସ ଷ୍ଟାଣ୍ଡ ନିର୍ମାଣ ପାଇଁ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିବା ବେଳେ ବର୍ତ୍ତମାନ ସୁଦ୍ଧା ୧୦ଟି ବସ୍‌ଷ୍ଟାଣ୍ଡର ନିର୍ମାଣ କାର୍ଯ୍ୟ ଶେଷ ହୋଇଛି। ସେହିପରି ଅନ୍ୟ ୩୨ଟି ବସଷ୍ଟାଣ୍ଡ ନିର୍ମାଣାଧୀନ ଅବସ୍ଥାରେ ଅଛି। ନିର୍ବାଚନ ଆଚରଣବିଧି ଲାଗୁ ରହିଥିବାରୁ ଏହି ଅସମ୍ପୂର୍ଣ୍ଣ ବସ୍‌ଷ୍ଟାଣ୍ଡ କାର୍ଯ୍ୟ ସମ୍ପୂର୍ଣ୍ଣ ହେବାରେ କଟକଣା ଅଛି ବୋଲି ବ୍ଲକର ଏଇଇ ଅନିଶ ସୁବୁଦ୍ଧିରାୟ କହିଛନ୍ତି। ଗୋଟିଏ ଲକ୍ଷ୍ମୀ ବସ୍‌ଷ୍ଟାଣ୍ଡ ନିର୍ମାଣ ପାଇଁ ୫.୨୦ ଲକ୍ଷ ଟଙ୍କା ଖର୍ଚ୍ଚ ହେଉଥିବା ଏଇଇ ରାୟ କହିଛନ୍ତି।



ବିଦେଇପୁରଠାରେ ନିର୍ମିତ ଲକ୍ଷ୍ମୀ ବସ୍‌ଷ୍ଟାଣ୍ଡ।

## ବାସୁଦେବପୁର

### ୩୨ ବସ୍‌ଷ୍ଟାଣ୍ଡରେ କାର୍ଯ୍ୟ ନିର୍ମାଣାଧୀନ

ବାସୁଦେବପୁର ଅଞ୍ଚଳରେ ଲକ୍ଷ୍ମୀ ବସଷ୍ଟାଣ୍ଡ ବର୍ତ୍ତମାନ ଯାତ୍ରୀମାନଙ୍କ ପାଇଁ ମୁଖ୍ୟ ଆଶ୍ରୟସ୍ଥଳ ପାଲଟିଛି। ବାସୁଦେବପୁର-ଧାମରା, ବାସୁଦେବପୁର-ଇଚ୍ଛାପୁର, ବାସୁଦେବପୁର- ବାଲିଛନ୍ଦାଘାଟ ରାସ୍ତା, ଚାରିବାଟିଆ-ବାଲିମେଦ ଆଦି ପ୍ରମୁଖ ରାସ୍ତାର ପ୍ରଶସ୍ତୀକରଣ କାର୍ଯ୍ୟ ଚାଲୁ ରହିଥିବାରୁ ରାସ୍ତାର ଆବଶ୍ୟକ ପାଇଁ ରାସ୍ତାକଡ଼ରେ ଥିବା ଶହ ଶହ ଗଛ କାଟିବାକୁ ପଡ଼ିଥିଲା। ଏହି ଗଛଗୁଡ଼ିକ କଟାଯିବା ପରେ ରାସ୍ତାକଡ଼ରେ ଆଶ୍ରୟ ନେବା ପାଇଁ ଗଛର ଛାଇ ଟିକିଏ ନ ଥିବା ବେଳେ ଏହି ବସଷ୍ଟାଣ୍ଡ ଏବେ ପଥଚାରୀଙ୍କ ଆଶ୍ରୟସ୍ଥଳ ପାଲଟିଛି।

# ଭାଜପାର ଯୁବ ସମାବେଶ

ଧାମନଗର,୨୯।୫(ଦେବେନ୍ଦ୍ର ଆଦିଆ)

ସାଧାରଣ ନିର୍ବାଚନ ପାଇଁ ଦେଵୁଡ଼ି ଆନନ୍ଦପୁର ପଞ୍ଚାୟତରେ ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ଏକ ବିଶାଳ ଯୁବ ସମାବେଶ ଓ ବୈଠକ ଅନୁଷ୍ଠିତ ହୋଇଯାଇଛି। ମଣ୍ଡଳ ଯୁବମୋର୍ଚ୍ଚା ଯୁବ ସଭାପତି ରଞ୍ଜିତ ସାହୁଙ୍କ ସଭାପତିତ୍ୱରେ ଆନନ୍ଦପୁର ପଞ୍ଚାୟତ ତରଫରୁ ଆୟୋଜିତ ସମାବେଶରେ ରାଜ୍ୟ ଯୁବ ମୋର୍ଚ୍ଚା ଉପସଭାପତି ବିଶ୍ୱଜିତ ଷଡ଼ଙ୍ଗୀ, ପ୍ରୀତମ ରୋଶନ ମହାପାତ୍ର, ବ୍ରହ୍ମଗିରି ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ଲୋହିସିଂହା ବିଧାୟକ ମୁକେଶ ମହାଲିଙ୍ଗ, ମଣ୍ଡଳ ସଭାପତି ରମେଶ ଚନ୍ଦ୍ର ପତି, ପୂର୍ବତନ ସଭାପତି ଅରବିନ୍ଦ ପତି, ପୂର୍ବତନ ସରପଞ୍ଚ ବିଜୟ କୁମାର ଦାସ, ପ୍ରମୋଦ ଆଦିଆ, ଗଜେନ୍ଦ୍ର ମାଝି, ପଞ୍ଚାୟତ ପ୍ରମୁଖ ନରେନ୍ଦ୍ର ଦାଶ ପ୍ରମୁଖ ଯୋଗଦେଇ ଖୁବ କମ ସମୟରେ ସୂର୍ଯ୍ୟବଂଶୀ ସୁରଜ ରାଜ୍ୟ ରାଜନୀତିରେ ଚର୍ଚ୍ଚିତ ଚେହେରା ସାଜିଛନ୍ତି। ବିଧାନ ସଭାରେ ଆକ୍ରମଣାତ୍ମକ ଶୈଳୀରେ ସେ ଯେଭଳି ସରକାରଙ୍କୁ ଆଟାକ୍ କରୁଛନ୍ତି ସେଥିପାଇଁ ଧାମନଗର ଆଜି ଗର୍ବିତ ହେବା ସହ ଓଡ଼ିଶା ଗର୍ବିତ ବୋଲି ଭାଜପା ନେତାମାନେ କହିଥିଲେ। ଓଡିଶାରେ ଡବଲ ଇଞ୍ଜିନ ସରକାର ଏବଂ ସୂର୍ଯ୍ୟବଂଶୀ ସୁରଜଙ୍କୁ ଜିତାଇବାକୁ ଉପସ୍ଥିତି ଯୁବକମାନେ ସଂକଳ୍ପ ନେଇଥିଲେ। ଏହି ଅବସରରେ ଶତାଧିକ ଯୁବକଙ୍କୁ ଅତିଥିମାନେ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ଯୁବମୋର୍ଚ୍ଚ ସଦସ୍ୟ ପ୍ରମୋଦ ବେହେରା, କମଳାକାନ୍ତ ପତି, କୁମାରେଶ ଆଦିଆ, ଦିବ୍ୟରଞ୍ଜନ ଆଦିଆ, ଜଗନ୍ନାଥ ସାହୁ, ଧରଣୀ ଯେନା , ଜୟନ୍ତ ରଣା, କୁଳମଣି ଶତପଥୀ, ଅଶୋକ ପତି, ବିଦ୍ୟାଧର ପେଡା, ଉମାକାନ୍ତ ସାହୁ, ସୁରେନ୍ଦ୍ର ସାହୁ, ଦିନେଶ ନାଥ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ରିମୋଟ୍‌ରେ ଚାଲିଛି ରାଜ୍ୟ ସରକାର: ଅପରାଜିତା

ବନ୍ତ,୨୯।୫ (ହରିନାରାୟଣ ମହାନ୍ତି)

ରାଜ୍ୟରେ ଅପାରଗ ଓ ତାମିଲ ବାବୁଙ୍କ ରିମୋଟ୍‌ରେ ସରକାର ଚାଲିଛି। ୨୫ ବର୍ଷର ଶାସନରେ ଓଡ଼ିଶା ବିଭିନ୍ନ କ୍ଷେତ୍ରରେ ପଛରେ ରହିଛି। ଜଣେ ଅଣଓଡ଼ିଆ ମୁଖ୍ୟମନ୍ତ୍ରୀଙ୍କ ପାଖରେ ରହି କ୍ଷମତାର ଅପବ୍ୟବହାର କରୁଛନ୍ତି। ଏବେ ପରିବର୍ତ୍ତନର ସମୟ ଆସିଛି। ଓଡ଼ିଆ କହୁଥିବା ଜଣେ ଯୁବକ ଆଗାମୀ ଦିନରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ହେବେ ବୋଲି ଭଦ୍ରକ ଜିଲା ଭଣ୍ଡାରିପୋଖରୀ ନିର୍ବାଚନ ମଣ୍ଡଳୀ କାଦବରାଙ୍ଗରେ ବୁଧବାର ଭାଜପା ପକ୍ଷରୁ ଅୟୋଜିତ ନିର୍ବାଚନୀ ସଭାରେ ଭୁବନେଶ୍ୱରର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ କହିଛନ୍ତି। ଆସନ୍ତା ନିର୍ବାଚନରେ ଏଠାରୁ ବିଧାୟକ ପ୍ରାର୍ଥୀ ଭାବେ ନିର୍ବାଚନ ଲଢୁଥିବା ଏ ମାଟିର ପୁଅ ଡ. ସୁଧାଂଶୁ ଶେଖର ନାୟକ ଏବଂ ଭଦ୍ରକ ଲୋକସଭା ପ୍ରାର୍ଥୀ ଅଭିମନ୍ୟୁ ସେଠୀଙ୍କୁ ଭୋଟ ଦେବାକୁ ନିବେଦନ କରିଥିଲେ। ବନ୍ତ ମଣ୍ଡଳ ସଭାପତି ଖଗେଶ୍ୱର ବେହେରାଙ୍କ ସଭାପତିତ୍ୱରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବଦ୍ରିନାରାୟଣ ଧଳ, ବିଧାୟକ ରାମେଶ୍ୱର ବଂଶଲ ଶର୍ମା, ବିଧାନସଭା ସଂଯୋଜକ ଅଶୋକ ପରିଜା, ପୂର୍ବତନ ବ୍ଲକ ଅଧକ୍ଷା ନିରୁପମା ରାଉତ, କେନ୍ଦୁଆପଦା ସରପଞ୍ଚ ଇଂ. ପ୍ରମୋଦ ଜେନା, ପତଞ୍ଜଳି କରଶର୍ମା ପ୍ରମୁଖ ମଞ୍ଚାସୀନ ହୋଇ ଭାଜପାକୁ ଭୋଟ ଦେବାକୁ ନିବେଦନ ରଖିଥିଲେ। ପୂର୍ବତନ ସମିତିସଭ୍ୟ ରମେଶ ଚନ୍ଦ୍ର ପହି ମଞ୍ଚ ସଞ୍ଚାଳନ କରିଥିଲେ। ଏହି ଅବସରରେ ପୂର୍ବତନ ସରପଞ୍ଚ ଭାଗିରଥି ସେଠୀ ଏବଂ କାଦବରାଙ୍ଗ ସୋସାଇଟ ସଭାପତି ବାସୁଦେବ ଜେନାଙ୍କ ନେତୃତ୍ୱରେ ବିଜେଡ଼ି ଛାତ୍ର ନେତା ନିରଞ୍ଜନ ନାୟକ, ଶ୍ରୀଧର ବିଶ୍ୱାଳ, କୁଳମଣୀ ରାଉତ, ସୁରେଶ ପହି, ଜ୍ୟୋତିପ୍ରକାଶ ଜେନା, ଦିଲ୍ଲୀପ ନାୟକ, ବିନୋଦ ଜେନା, ଆଶିଷ ଦାସଙ୍କ ସମେତ ଶତାଧିକ ଯୁବକ ବିଜେଡ଼ି ପରିତ୍ୟାଗ କରି ଭାଜପାରେ ସାମିଲ ହୋଇଥିଲେ।


ନିର୍ବାଚନୀ ସଭାରେ ଅପରାଜିତା ଷଡ଼ଙ୍ଗୀ ଓ ଅନ୍ୟମାନେ।

# ଘରଡିହ ପଟ୍ଟା ନାହିଁ ତ ଭୋଟ ନାହିଁ

ଭଦ୍ରକ,୨୯।୫(ସନାତନ ରାଉତ)

## ପଡ଼ିଆସାହିବାସିନ୍ଦାଙ୍କ ଭୋଟବର୍ଜନ ଚେତାବାନୀ

ଭଦ୍ରକ ପୌରପାଳିକା ଅଧୀନ ୬ ଓ ୭ ନଂ. ୱାର୍ଡ଼ର ନୂଆ ବସ୍‌ଷ୍ଟାଣ୍ଡ ପଡ଼ିଆସାହି ବସ୍ତିବାସିନ୍ଦା ଆଗାମୀ ଜୁନ୍ ୧ ତାରିଖ ନିର୍ବାଚନରେ ଭୋଟ ବର୍ଜନ କରିବେ। ଏ ନେଇ ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ଏଥିସହ ବୁଧବାର ବସ୍‌ଷ୍ଟାଣ୍ଡ ନିକଟରେ ଧାରଣାରେ ବସିଥିଲେ।

ଅଭିଯୋଗ ମୁତାବକ, ଦୀର୍ଘ ଶହେ ବର୍ଷରୁ ଊର୍ଦ୍ଧ୍ୱ ହେବ ବାପା, ଜେଜେ ଅମଳରୁ ୨୦ ରୁ ଊର୍ଦ୍ଧ୍ୱ ଭୂମିହୀନ ପରିବାର ଏହି ବସ୍ତିରେ ରହି ଆସୁଛନ୍ତି। ସେମାନଙ୍କୁ ଘରଡିହ ପଟ୍ଟା ମିଳୁ ନ ଥିବାରୁ ଘର ମିଳୁନାହିଁ। ସର୍ବସାଧାରଣ ଜମିରେ ପଲିଥିନ ଟାଙ୍ଗି ବସବାସ କରୁଛନ୍ତି। ଏହି ଜମିରୁ ସେମାନଙ୍କୁ ଉଚ୍ଛେଦ କରିବା ପାଇଁ ପାଖ ଜମି ମାଲିକମାନେ ବାରମ୍ବାର ଧମକ ଦେଉଛନ୍ତି। ଭୋଟର ପରିଚୟ ପତ୍ର, ଆଧାର କାର୍ଡ଼, ରାସନ କାର୍ଡ଼ ଥାଇ ମଧ୍ୟ ଜମିପଟ୍ଟା ନ ଥିବାରୁ ଅଧିକାରରୁ ବଞ୍ଚିତ ହୋଇଥିବା ଅଭିଯୋଗରେ ଦର୍ଶାଇଛନ୍ତି। ବର୍ଷାଦିନରେ ବସ୍ତିକୁ ରାସ୍ତା ନ ଥିବାରୁ ଆଣ୍ଠୁଏ ପାଣିରେ ମୁଖ୍ୟରାସ୍ତାକୁ ଆସିବାକୁ ପଡ଼େ। ନଳକୂପ ନ ଥିବାରୁ ପାନୀୟ ଜଳର ଉତ୍କଟ ସମସ୍ୟା ଦେଖାଦେଇଛି। ନିର୍ବାଚନ ସମୟରେ ବିଭିନ୍ନ ରାଜନୈତିକ ଦଳ ସମସ୍ୟାର ସମାଧାନ କରିବା ପାଇଁ ପ୍ରତିଶ୍ରୁତି ଦେଇ ଭୋଟ ନେଇଯାଉଛନ୍ତି। କିନ୍ତୁ ନିର୍ବାଚନ ପରେ ଏସବୁ ଭୁଲିଯାଉଛନ୍ତି। ସେଥିପାଇଁ ଆଗାମୀ ନିର୍ବାଚନରେ ଭୋଟବର୍ଜନ କରିବାକୁ ପାର୍ବତୀ ପାତ୍ର, ଗୌରୀ ପାତ୍ର, ସବିତା ଦାସ, ସୁଲୋଚନା ସିଂ, ଲକ୍ଷ୍ମୀ ଦାସ, ବୁଧିଆ ସିଂ, ବାପୁନା ମୁଣ୍ଡାଙ୍କ ସମେତ ବସ୍ତିବାସିନ୍ଦା କହିଛନ୍ତି। ସେହିପରି ଭଦ୍ରକ ବ୍ଲକ୍ ଅଧୀନ ଚରମ୍ପା ପଞ୍ଚାୟତ ୪ ନଂ. ୱାର୍ଡ଼ର ବାଘମରା ବସ୍ତିବାସିନ୍ଦା ମୌଳିକ ସୁବିଧାରୁ ବଞ୍ଚିତ ହୋଇଥିବାରୁ ଭୋଟ ବର୍ଜନ କରିବାକୁ ଚେତାବନୀ ଦେଇଛନ୍ତି।



ଧାରଣାରେ ବସିଥିବା ବସ୍ତିବାସିନ୍ଦା।

# ଆକ୍ରମଣରେ ଏସ୍‌ଡିପିଓ, ଆଇଆଇସି ଗୁରୁତର

ବାରିପଦା,୨୯।୫(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ବଡ଼ସାହି ଥାନା ଅଧୀନ ବେଲପାଳ ଗ୍ରାମରେ ଜମିଜମା ବିବାଦକୁ ନେଇ ତୁମୁଳକାଣ୍ଡ ଘଟିଛି। ଦୁଇ ଗୋଷ୍ଠୀଙ୍କ ମଧ୍ୟରେ ଲାଗିଥିବା ଗଣ୍ଡଗୋଳକୁ ନିୟନ୍ତ୍ରଣ କରିବାକୁ ଯାଇ ପୋଲିସ ଗ୍ରାମବାସୀଙ୍କ ଆକ୍ରୋଶର ଶିକାର ହୋଇଛି। ଉତ୍ତ୍ୟକ୍ତ ଲୋକେ ପୋଲିସ ଗାଡ଼ିକୁ ଭଙ୍ଗାରୁଜା କରିବା ସହ ଆକ୍ରମଣରେ ବେତନଟୀ ଏସ୍‌ଡିପିଓ ସୁଦର୍ଶନ ଦାଶ ଓ ବଡ଼ସାହି ଥାନା ଆଇଆଇସି ଉମାଶଙ୍କର ନାୟକ ଗୁରୁତର ହୋଇଛନ୍ତି। ଏସ୍‌ଡିପିଓଙ୍କ ମୁଣ୍ଡ ଫାଟିଥିବା ବେଳେ ଆଇଆଇସିଙ୍କ ହାତ ଭାଙ୍ଗିଥିବା ସୂଚନା ମିଳିଛି। ଚିକିତ୍ସା ପାଇଁ ଉଭୟଙ୍କୁ ବାରିପଦା ପିଆର୍‌ଏମ୍ ମେଡିକାଲରେ ଭର୍ତ୍ତି କରାଯାଇଛି। ଉତ୍ତେଜନା ଲାଗି ରହିଥିବାରୁ ଗ୍ରାମରେ ପୋଲିସ ଫୋର୍ସ ମୁତୟନ କରାଯାଇଛି।


ଗୁରୁତର ଏସ୍‌ଡିପିଓ ସୁଦର୍ଶନ ଦାଶ।

ସୂଚନାଯୋଗ୍ୟ, ବେଲପାଳ ଗ୍ରାମର ଜଣେ ବ୍ୟକ୍ତି ଏକ ଫ୍ଲାଏ ଆଶ୍ ଫ୍ୟାକ୍ଟ୍ରିର ଋଣ ଶୁଝି ନ ପାରିବାରୁ ବ୍ୟାଙ୍କ କର୍ତ୍ତୃପକ୍ଷ ତାହାକୁ ନିଲାମ କରିଥିଲେ। ସେହି ଗ୍ରାମର ଅନ୍ୟ ଜଣେ ବ୍ୟକ୍ତି ନିଲାମ ନେଇ ଫାକ୍ଟ୍ରି ଚଳାଉଥିଲେ। ଋଣ ଖିଲାପକାରୀ ଜଣକ କୋର୍ଟରେ ଆଶ୍ରୟ ନେଇଥିବା ବେଳେ ମାମଲା ବିଚାରାଧୀନ ରହିଛି। ତେବେ ରାୟ ପ୍ରକାଶ ପାଇବା ପର୍ଯ୍ୟନ୍ତ ଫ୍ଲାଏ ଆଶ୍ ଫ୍ୟାକ୍ଟ୍ରିକୁ ପୂର୍ବ ମାଲିକଙ୍କୁ ପୁନଃ ଦଖଲ ଆଦେଶ ଦେବା ସହିତ ଜିଲା ପ୍ରଶାସନ ଓ ପୋଲିସକୁ ସହଯୋଗ କରିବା ପାଇଁ କୋର୍ଟ ନିର୍ଦ୍ଦେଶ ଦେଇଥିଲେ। ବୁଧବାର ସକାଳେ ଉକ୍ତ ଫ୍ୟାକ୍ଟ୍ରିର ପ୍ରବେଶ ରାସ୍ତାରେ ପୂର୍ବ ମାଲିକ ବାଡ଼ ବସାଇବା ସମୟରେ ବର୍ତ୍ତମାନ ଦଖଲରେ ଥିବା ମାଲିକ ବିରୋଧ

## ଜମିଜମା ବିବାଦକୁ ନେଇ ତୁମୁଳକାଣ୍ଡ

କରିଥିଲେ। ଫଳରେ ଗଣ୍ଡଗୋଳର ସୂତ୍ରପାତ ହେବା ସହ ଉଭୟଙ୍କ ମଧ୍ୟରେ ମାରପିଟ ଲାଗିଥିଲା।

ଆକ୍ରମଣରେ ନିଲାମ ଧରିଥିବା ବ୍ୟକ୍ତିଙ୍କ ଜଣେ ସମ୍ପର୍କୀୟ ଗୁରୁତର ହୋଇ ବାରିପଦା ପିଆର୍‌ଏମ୍ ମେଡିକାଲରେ ଚିକିତ୍ସାଧୀନ ଅଛନ୍ତି। ଏହି ଘଟଣାକୁ ନେଇ ଗ୍ରାମବାସୀ ରାଜରାସ୍ତାକୁ ଓହ୍ଲାଇ ଅଭିଯୁକ୍ତ ଦ୍ୱୟଙ୍କୁ ଗିରଫ କରିବା ଦାବିରେ ବଡ଼ସାହି–ବେତନଟୀ ରାସ୍ତାର ବେଲପାଳ ଛକରେ ରାସ୍ତା ଅବରୋଧ କରିଥିଲେ। ଦିନ ତମାମ ବିକ୍ଷୋଭକାରୀମାନେ ଟାୟାର ଜାଳି ଗାଡ଼ି ଚଳାଚଳ ବନ୍ଦ କରିଥିଲେ। ଖବରପାଇ ବଡ଼ସାହି ବିଡିଓ ଓ ତହସିଲଦାର ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲେ ମଧ୍ୟ ଲୋକେ ଯିଦ୍‌ରେ ଅଟଳ ରହିଥିଲେ। ପ୍ରଧାନମନ୍ତ୍ରୀ ମୋଦି ଓ କାର୍ତ୍ତିକ ପାଣ୍ଡିଆନଙ୍କ ନିର୍ବାଚନୀ ପ୍ରଚାରରେ ନିୟୋଜିତ ପୋଲିସ ଅଧିକାରୀମାନେ ଡିଉଟି ସାରି ଘଟଣାସ୍ଥଳରେ ଫୋର୍ସ ସହିତ ପହଞ୍ଚିଥିଲେ। ଗୁରୁବାର ନିର୍ବାଚନ ପାଇଁ ପୋଲିଂ ପାର୍ଟି ଗାଡ଼ି ଯାତାୟାତ କରିବାକୁ ଥିବାରୁ ରାସ୍ତା ଅବରୋଧରୁ ଗ୍ରାମବାସୀଙ୍କୁ ନିବୃତ୍ତ ରହିବାକୁ ପୋଲିସ ତାଗିଦା କରିଥିଲା। ଏଥିରେ ଅସନ୍ତୋଷ ପ୍ରକାଶ କରି ଗ୍ରାମର ମହିଳା ପୁରୁଷମାନେ ପୋଲିସ ଉପରକୁ ଆକ୍ରମଣ କରିଥିଲେ। ପୋଲିସ ଗାଡ଼ି ଭାଙ୍ଗିବା ସହ ଘଟଣାସ୍ଥଳରେ ଉପସ୍ଥିତ ଥିବା ବେତନଟୀ ଏସ୍‌ଡିପିଓ ସୁଦର୍ଶନ ଦାଶ ଓ ବଡ଼ସାହି ଥାନା ଆଇଆଇସି ଉମାଶଙ୍କର ନାୟକଙ୍କୁ ଆକ୍ରମଣ କରିଥିଲେ। ଏସ୍‌ପି ଏସ୍.ସୁଶ୍ରୀଙ୍କ ନିର୍ଦ୍ଦେଶକ୍ରମେ ଅନ୍ୟ ପୋଲିସ ଅଧିକାରୀମାନେ ପହଞ୍ଚି ପରିସ୍ଥିତି ପ୍ରତି ନଜର ରଖିଛନ୍ତି।

## ମୋଦି ନାରାରେ କମ୍ପିଲା ସଭାସ୍ଥଳ

**ବାରିପଦା,୨୯।୫(ନୀଳାଦ୍ରି ବିହାରୀ ଦଣ୍ଡପାଟ):** ମୟୂରଭଞ୍ଜ ଜିଲା ବାରିପଦାଠାରେ ଭାଜପା ପକ୍ଷରୁ ବୁଧବାର ବିଜୟ ସଙ୍କଳ୍ପ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯୋଗଦେଇ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରିଥିଲେ। ହଜାର ହଜାର ମୋଦି ପ୍ରେମୀ ସଭାରେ ଉପସ୍ଥିତ ରହି ପ୍ରଧାନମନ୍ତ୍ରୀଙ୍କୁ ଭବ୍ୟ ସ୍ୱାଗତ କରିଥିଲେ। ମୋଦି ନାରାରେ ସଭାସ୍ଥଳ କମ୍ପି ଉଠିଥିଲା। ମଞ୍ଚରେ କେନ୍ଦ୍ର ଆଦିବାସୀ ବ୍ୟାପାର ଓ ଜଳଶକ୍ତି ମନ୍ତ୍ରୀ ଇଂ. ବିଶ୍ୱେଶ୍ୱର ଟୁଡୁ, ମହାରାଜା ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ, ପୂର୍ବତନ ଏମ୍‌ପି ଲକ୍ଷ୍ମଣ ଟୁଡୁଙ୍କ ସମେତ ବରିଷ୍ଠ ନେତୃବୃନ୍ଦ ଓ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ ।

## ମହାନତା ଦେଖାଇଲେ ମୋଦି

ବିଜୟ ସଙ୍କଳ୍ପ ସମାବେଶରେ ଖବର ସଂଗ୍ରହ କରୁଥିବା ବେଳେ ଜଣେ ଖବରଦାତା ପ୍ରବଳ ଖରା ଯୋଗୁ ଅସୁସ୍ଥ ହୋଇ ପଡ଼ିଥିଲେ। ଏହା ପ୍ରଧାନମନ୍ତ୍ରୀ ମୋଦିଙ୍କ ନଜରରେ ପଡ଼ିବାରୁ ଭାଷଣ ବନ୍ଦ କରି ତୁରନ୍ତ ତାଙ୍କର ଚିକିତ୍ସା କରିବାକୁ ନିର୍ଦ୍ଦେଶ ଦେଇଥିଲେ। ମୋଦିଙ୍କ ସାଥୀରେ ଆସିଥିବା ଡାକ୍ତରୀ ଦଳ ସଙ୍ଗେ ସଙ୍ଗେ ପହଞ୍ଚି ଆଶୁ ଚିକିତ୍ସା କରିଥିଲେ। ଖବରଦାତା ଜଣକ ସୁସ୍ଥ ହେବା ପରେ ମୋଦି ପୁଣି ନିଜର ବକ୍ତବ୍ୟ ଜାରି ରଖିଥିଲେ। ସମାବେଶ ଶେଷ ହେବା ପରେ ଖବରଦାତାଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ଜିଲା ପୋଲିସ ପ୍ରଶାସନଠାରୁ ପଚାରି ବୁଝିଥିଲେ। ଅସୁସ୍ଥ ଖବରଦାତା ଜଣକ ବାରିପଦା ପିଆର୍‌ଏମ୍ ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ପ୍ରଧାନମନ୍ତ୍ରୀଙ୍କ ଏଭଳି ମହନୀୟତାକୁ ଲୋକେ ବେଶ ପ୍ରଶଂସା କରିଛନ୍ତି।

## ପାଣିକୁ ନେଇ ଟଣାଓଟରା

ପ୍ରବଳ ଗୁଳୁଗୁଳି ଓ ଗରମରେ ବିଜୟ ସଙ୍କଳ୍ପ ସମାବେଶକୁ ଆସିଥିବା ଲୋକମାନେ ପାଣି ପାଇଁ ତହଳ ବିକଳ ହୋଇ ପଡ଼ିଥିଲେ । ଦୀର୍ଘ ସମୟ ଧରି ପାଣି ପିଇବାକୁ ନପାଇ ଲୋକେ ପାଟିତୁଣ୍ଡ ଆରମ୍ଭ କରିଥିଲେ। ପ୍ରଧାନମନ୍ତ୍ରୀଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ସଭାସ୍ଥଳକୁ ପାଣି ବୋତଲ ବାରଣ କରାଯାଇଥିଲା । ମାତ୍ର ଲୋକଙ୍କ ଅସନ୍ତୋଷ ତୀବ୍ର ରୂପ ଧାରଣ କରିବାରୁ ପାଣି ବୋତଲ ସଭାସ୍ଥଳକୁ ପଠାଯାଇଥିଲା । ତେବେ ପାଣି ନେବା ପାଇଁ ଲୋକଙ୍କ ଭିତରେ ଟଣାଓଟରା ଓ କସରତ ଲାଗିଥିଲା । ଗୋଟିଏ ବୋତଲ ପାଣିକୁ ୩ ଜଣ ଲେଖାଏ ପିଇ ଶୋଷ ମେଣ୍ଟାଇଥିଲେ। ଅଧିକାଂଶ ଲୋକ ପାଣି ଅଭାବରୁ ସଭାସ୍ଥଳ ଛାଡ଼ି ପଳାଇ ଯାଇଥିବା ଦେଖିବାକୁ ମିଳିଥିଲା।

# କାର୍ଯ୍ୟରୁ ଅନ୍ତର ହେଲେ ୪ ମିଶନଶକ୍ତି ଅଧିକାରୀ

ବେତନଟୀ(ଧରଣୀଧର ମହାନ୍ତି)/ ବୈଶିଙ୍ଗା,୨୯।୫(ରତନ ଦାଶ)

## ନିର୍ବାଚନ ଆଚରଣବିଧି ଉଲ୍ଲଂଘନ

ମୟୂରଭଞ୍ଜ ଜିଲା ବଡ଼ସାହି ବିଧାନସଭା ନିର୍ବାଚନ ମଣ୍ଡଳୀରେ ନିର୍ବାଚନ ଆଚରଣ ବିଧିର ଖୋଲାଖୋଲି ଉଲ୍ଲଘଂନ କରି ବିଜେଡି ବିଧାୟକ ପ୍ରାର୍ଥୀଙ୍କ ପାଇଁ ପ୍ରଚାର କାର୍ଯ୍ୟରେ ନିୟୋଜିତ ବେତନଟୀ ବ୍ଲକ ଅଞ୍ଚଳର ମିଶନ ଶକ୍ତିରେ କାର୍ଯ୍ୟରତ ୪ ମହିଳା ଅଧିକାରୀଙ୍କୁ କାର୍ଯ୍ୟରୁ ଅନ୍ତର କରାଯାଇଛି। ସେମାନେ ହେଲେ ନଡ଼ପୁର ଅଞ୍ଚଳର ସୁମତୀ ମିଶ୍ର (ଭିଆର୍‌ପି, ଇସି ମେମ୍ବର), ପୁରୁଣିଆ ପଞ୍ଚାୟତର ସ୍ନେହଲତା ସେଠୀ (ଭିଆର୍‌ପି, ଇସି ମେମ୍ବର, ଧାନ ଫାଉଣ୍ଡେସନର ସଦସ୍ୟା), ପାଟୁଳିପୁରା ପଞ୍ଚାୟତର ସ୍ନେହଲତା ପାଣି (ଭିଆର୍‌ପି, ଇସି ମେମ୍ବର), କଳମା ପଞ୍ଚାୟତର ସବିତା ଜେନା (ଭିଆରପି)। ଭାଜପା ବିଧାୟକ ପ୍ରାର୍ଥୀ ସନାତନ ବିଜୁଳିଙ୍କ ଅଭିଯୋଗ ପରେ ଜିଲା ପ୍ରଶାସନ ପକ୍ଷରୁ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି।

ସୂଚନା ଅନୁଯାୟୀ, ବେତନଟୀ ବ୍ଲକ ମିଶନ ଶକ୍ତିରେ କାର୍ଯ୍ୟରତ ଉପରୋକ୍ତ ୪ ଅଧିକାରୀ ଗାଁ ଗାଁ ବୁଲି ବିଜୁ ଜନତା ଦଳର ବିଧାୟିକା ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରିବା ସହିତ ଭୋଟ ମାଗୁଥିଲେ ଓ ବିଭିନ୍ନ ଦଳୀୟ କାର୍ଯ୍ୟକ୍ରମରେ ସାମିଲ ହେଉଥିଲେ। ସେମାନେ ବିଜେଡି ଦଳୀୟ ସଭାରେ ଯୋଗଦେଉଥିଲେ ଏବଂ ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳାମାନଙ୍କୁ ସଭାସ୍ଥଳକୁ ଡାକି ଏକଜୁଟ କରାଉଥିଲେ। ଏହା ନିର୍ବାଚନ ଆଚରଣ ବିଧିର ଖୋଲା ଉଲ୍ଲଂଘନ ବୋଲି ଭାଜପା ଅଭିଯୋଗ କରିଥିଲା। ଭାଜପା ପ୍ରାର୍ଥୀ ସନାତନ ଏ ସମ୍ପର୍କରେ ତଥ୍ୟ ସମ୍ବଳିତ ଲିଖିତ ଅଭିଯୋଗ ମୟୂରଭଞ୍ଜ ଜଲାପାଳଙ୍କ ନିକଟରେ ଦାଖଲ କରିଥିଲେ। ଜିଲାପାଳ ଏନେଇ ତଦନ୍ତ କରି ରିପୋର୍ଟ ଦେବାକୁ ବେତନଟୀ ବିଡିଓ ଗୋପୀନାଥ ଖାଖାଙ୍କୁ ନିର୍ଦ୍ଦେଶ ଦେଇଥିଲେ।

# ପ୍ରଚାର କଲେ ପାଣ୍ଡିଆନ, ଚାମ୍ପାଇ ସୋରେନ

ମୋରଡ଼ା(ସ୍ମାରକ ମାଜୀ)/ ଉଦଳା (ସନ୍ତୋଷ କୁମାର ବାଛିନୀ),୨୯।୫

ମୟୂରଭଞ୍ଜ ଜିଲା ମୋରଡ଼ା ଓ ଉଦଳା ନିର୍ବାଚନମଣ୍ଡଳୀରେ ବୁଧବାର ଦୁଇ ରାଜନୈତିକ ଦଳ ଶକ୍ତି ପ୍ରଦର୍ଶନ କରିଛନ୍ତି। ମୋରଡ଼ା ନିର୍ବାଚନମଣ୍ଡଳୀ ଅଧୀନ ଶୁଳିଆପଦା ବ୍ଲକର କାଣିମହୁଲି ପଞ୍ଚାୟତ ପଡ଼ିଆରେ ଝାଡ଼ଖଣ୍ଡ ମୁକ୍ତମୋର୍ଚ୍ଚା(ଜେଏମ୍‌ଏମ୍)ର ମୋରଡ଼ା ବିଧାୟକ ପ୍ରାର୍ଥୀ କୃଷ୍ଣଚନ୍ଦ୍ର ଦାସଙ୍କ ନେତୃତ୍ୱରେ ନିର୍ବାଚନୀ ପ୍ରଚାର ସଭା ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସଭାରେ ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ଚମ୍ପାଇ ସୋରେନ, ମୟୂରଭଞ୍ଜ ଏମ୍‌ପି ପ୍ରାର୍ଥୀ ଅଞ୍ଜଳି ସୋରେନ, କୃଷ୍ଣଚନ୍ଦ୍ର ଦାସ ପ୍ରମୁଖ ମଞ୍ଚାସୀନ ଥିଲେ। ସେହିପରି ଅପରାହ୍ନ ୪ଟାରେ ଚିତ୍ରଡ଼ାର ପାଟପୁର ପଡ଼ିଆରେ ବରିଷ୍ଠ ବିଜେଡି ନେତା କାର୍ତ୍ତିକ ପାଣ୍ଡିଆନ ଏକ ନିର୍ବାଚନୀ ସଭାରେ ଯୋଗଦେଇ


ଉଦଳାଠାରେ ଆୟୋଜିତ ସଭାରେ ବରିଷ୍ଠ ବିଜେଡି ନେତା କାର୍ତ୍ତିକ ପାଣ୍ଡିଆନ।

ଏମ୍‌ପି ପ୍ରାର୍ଥୀ ସୁଦାମ ମାର୍ଣ୍ଡି ଓ ମୋରଡ଼ା ବିଧାୟିକା ପ୍ରାର୍ଥୀ ପ୍ରତିନନ୍ଦା କାନୁନଗୋଙ୍କୁ ଜୟଯୁକ୍ତ କରାଇବା ପାଇଁ ଭୋଟରଙ୍କୁ ନିବେଦନ କରିଥିଲେ।

ସେହିପରି ଉଦଳା ହାଇସ୍କୁଲ ପଡ଼ିଆରେ ଅପରାହ୍ନ ୪ଟା ୩୦ରେ ଆୟୋଜିତ ସଭାରେ ପାଣ୍ଡିଆନ ଯୋଗଦେଇ ବିଜେଡି ପ୍ରାର୍ଥୀଙ୍କୁ ବିପୁଳ ସଂଖ୍ୟାରେ ଭୋଟଦେଇ ବିଜୟୀ କରିବା ପାଇଁ କର୍ମୀ ଓ ସାଧାରଣ ଜନତାଙ୍କୁ ନିବେଦନ କରିଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓଡ଼ିଶାରେ ବିକାଶ କରୁଥିବା ବେଳେ ପୁଣି ଷଷ୍ଠ ଥର ପାଇଁ ଜୁନ ୯ ରେ ଶପଥ ନେବେ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଥିଲେ। ସଭାରେ ମୟୂରଭଞ୍ଜ ଏମ୍‌ପି ପ୍ରାର୍ଥୀ ସୁଦାମ ମାର୍ଣ୍ଡି ଉପସ୍ଥିତ ଥିଲେ।

## ଟ୍ରକ୍ ଧକ୍କାରେ ବାଇକ୍ ଚାଳକ ମୃତ

ଠାକୁରମୁଣ୍ଡା,୨୯।୫(ତାରାକାନ୍ତ ପଟ୍ଟନାୟକ)

କରଞ୍ଜିଆ–ଠାକୁରମୁଣ୍ଡା ରାସ୍ତାର ପାଟବିଲ ନିକଟରେ ବୁଧବାର ଅପରାହ୍ନରେ ଏକ ଥଣ୍ଡା ପାନୀୟ ବୋଝେଇ ଟ୍ରକ୍ ଧକ୍କାରେ ଜଣେ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ କରଞ୍ଜିଆ ଥାନା ଅଧୀନ କଳାକାଦ ଗ୍ରାମର ଅଜୟ ନାଏକ। ସୂଚନା ଅନୁଯାୟୀ, କରଞ୍ଜିଆରୁ ଏକ ଥଣ୍ଡା ପାନୀୟ ବୋଝେଇ ଟ୍ରକ୍ ଠାକୁରମୁଣ୍ଡା ଆସି ଫେରୁଥିବା ବେଳେ କଳାକାଦରୁ ଠାକୁରମୁଣ୍ଡା ଆଡକୁ ଆସୁଥିବା ବାଇକ୍‌କୁ ଧକ୍କା ଦେଇଥିଲା। ଖବର ପାଇ କରଞ୍ଜିଆ ଥାନା ପୋଲିସ ପହଞ୍ଚି ଦୁର୍ଘଟଣା ଘଟାଇଥିବା ଟ୍ରକ୍‌କୁ ଜବତ କରବା ସହ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛି।

## ନିର୍ବାଚନୀ ସଭାରେ ୧୬ ଅସୁସ୍ଥ

କୁଳିଅଣା,୨୯।୫(ଆଦିକନ୍ଦ ସାହୁ)

ବାଙ୍ଗିରିପୋଷି ନିର୍ବାଚନମଣ୍ଡଳୀ ବିଜେଡି ପକ୍ଷରୁ ବୁଧବାର ଏକ ନିର୍ବାଚନୀ ସଭା କଳାବାଡିଆ ପଞ୍ଚାୟତରେ ଆୟୋଜିତ ହୋଇଥିଲା। ତେବେ ଅତ୍ୟଧିକ ଗରମ ଏବଂ ଗୁଳୁଗୁଳି ଯୋଗୁ ଅପରାହ୍ନ ୧ଟାରେ ଏହି ସଭାକୁ ଆସିଥିବା ୧୬ ଜଣ ଭୋଟର ଏବଂ କର୍ମୀ ଅସୁସ୍ଥ ହୋଇ ପଡ଼ିଥିଲେ। ଚିକିତ୍ସା ପାଇଁ ସେମାନଙ୍କୁ କୁଳିଅଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି।

## ଘର ଭାଙ୍ଗିଲା ଗୋଠଛଡ଼ା ଦନ୍ତା

ପାଟଣା,୨୯।୫(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ରେଞ୍ଜ ଖିରେଇଟାଙ୍ଗିରୀ ସେକ୍ସନ ଅଞ୍ଚଳରେ ଏକ ଗୋଠଛଡା ଦନ୍ତା ୩ ଦିନ ହେବ ଆତଙ୍କ ଖେଳାଇଛି। ଅଞ୍ଚଳରେ ୬ରୁ ଉର୍ଦ୍ଧ୍ୱ ଘର ଭାଙ୍ଗି ଘର ଭିତରୁ ଧାନ, ଚାଉଳ ଖାଇ ନଷ୍ଟ କରିଛି। ମଙ୍ଗଳବାର ବିଳମ୍ବିତ ରାତିରେ ଦନ୍ତା ଖିରେଇଟାଙ୍ଗିରୀ ସେକ୍ସନ ପୁରୁଣିଆ ଗ୍ରାମର ଅନାମ ମୁଣ୍ଡାଙ୍କ ଘର ଭାଙ୍ଗି ଘର ଭିତରୁ ଧାନ, ଚାଉଳ ଖାଇ ନଷ୍ଟ କରିଦେଇଛି। ପରିବାର ଲୋକେ ଶୋଇଥିବା ସମୟରେ ହାତୀ ଘରଭାଙ୍ଗି ଦେଇଥିଲା ବେଳେ ପରିବାର ଲୋକେ ଅଳ୍ପକେ ବିପତ୍ତିରୁ ବର୍ତ୍ତି ଯାଇଛନ୍ତି। ବନ ବିଭାଗ ହାତୀ ଘଉଡ଼ାଇବାରେ ବିଫଳ ହୋଇଥିବାରୁ ଅଞ୍ଚଳବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି।

# ଏକ କୋଟି ଟଙ୍କାର ଗାଡ଼ି ସ୍କ୍ରାପ୍ କରିଦେଲେ

ଯୋଡ଼ା,୨୯।୫(ମାନସ ମହାନ୍ତି)

## କାନପୁର ପ୍ରକଳ୍ପରୁ ଗାଡ଼ି କାଟି ବିକ୍ରି ପ୍ରସଙ୍ଗ

■ମାମଲା ରୁଜୁ କଲା ପୋଲିସ

କେନ୍ଦୁଝର ଜିଲା ଯୋଡା ଥାନା ବିଲେଇପଦା ଫାଣ୍ଡି ଅନ୍ତର୍ଗତ କଣ୍ଡରାଠାରେ ଥିବା କାନପୁର ପ୍ରକଳ୍ପର ଏକ ଠିକା ସଂସ୍ଥାର କ୍ୟାମ୍ପରୁ ଏକ କୋଟି ତିରିଶ ଲକ୍ଷ ଟଙ୍କାର ଟ୍ରକ୍ ଓ ଅନ୍ୟାନ୍ୟ ମେସିନକୁ ସ୍କ୍ରାପ ଦରରେ ବିକ୍ରି ଅଭିଯୋଗ ହୋଇଛି। ସଚଳ ଅବସ୍ଥାରେ ରାଜ୍ୟ ବାହାରର ରେଜିଷ୍ଟ୍ରେସନ ନମ୍ବର ଗାଡ଼ି ଓ ମେସିନରେ ପଞ୍ଜୀକୃତ ଥିବା ବେଳେ ଏହାର ନୋ ଓବଜେକ୍ସନ ସାର୍ଟିଫିକେଟ (ଏନଓସି) ଓଡ଼ିଶା ରାଜ୍ୟରେ ଦାଖଲ ନ କରି ଟ୍ୟାକ୍ସ ଫାଙ୍କି ଗାଡ଼ିଗୁଡ଼ିକୁ ସ୍କ୍ରାପ୍ ଭାବେ କାଟି ବିକ୍ରି କରି ଦିଆଯାଇଛି। କମ୍ପାନୀର ଜଣେ ଅଧିକାରୀ ବିକ୍ରି କରିଥିଲେ ବି ପରିବହନ ବିଭାଗ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ତେବେ ରେଜିଷ୍ଟ୍ରେସନ ନମ୍ବର ଗୁଡ଼ିକର ଦୂରୁପୋଯଗ କରାଯାଇ ବିଭିନ୍ନ ବେଆଇନ କାର୍ଯ୍ୟରେ ବ୍ୟବହାର କରାଯିବାର ଆଶଙ୍କା ରହିଛି। ଟିକସ ଫାଙ୍କି ସରକାରଙ୍କ ଲକ୍ଷ ଲକ୍ଷ ଟଙ୍କା ରାଜସ୍ୱହାନୀ ହୋଇଛି। ଏହା ସତ୍ତ୍ୱେ ବଡ଼ବିଲ ଆଞ୍ଚଳିକ ପରିବହନ ବିଭାଗ ଅଧିକାରୀ ଦୁର୍ଗାପ୍ରସାଦ ରାଓ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହାନ୍ତି। ସେ କହିଛନ୍ତି, ଏହା ପୋଲିସ କେସ, ଚୋରି କେସ ମାମଲା ଦାୟର କରି ପୋଲିସ ପରିବହନ ବିଭାଗକୁ ଜଣାଇବ। ତେଣେ ତିନି ଦିନ ଧରି ପୋଲିସ ଖୋଡତାଡ଼ କରି ବୁଧବାର ଏକ ମାମଲା ରୁଜୁ କରିଛି। କାନପୁର ପ୍ରକଳ୍ପର ଠିକାସଂସ୍ଥା ଏସଇଡବ୍ଲ୍ୟୁର ମ୍ୟାନେଜର ପ୍ରଭାକର ରାଓଙ୍କ ଏତଲା କ୍ରମେ କମ୍ପାନୀ ଅଧିକାରୀ ଶିବ ପ୍ରସାଦ ନାଏକଙ୍କ ନାମରେ ଯୋଡ଼ା ଥାନାରେ ମାମାଲା( ନଂ. ୧୯୫/୨୪) ରୁଜୁ ହୋଇଛି।

## ଆୟୁଷୀ ବସ୍ତା ବ୍ଲକର ମାଟ୍ରିକ ଟପ୍ପର

ରୂପସା, ୨୯।୫(ବାଞ୍ଛାନିଧି ଦେ)



ବାଲେଶ୍ୱର ଜିଲା ବସ୍ତା ବ୍ଲକ ଅନ୍ତର୍ଗତ ଭେଲୋରାସ୍ଥିତ ଆର୍‌କେ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ଆୟୁଷୀ ପ୍ରିୟଦର୍ଶିନୀ ସାହୁ ଚଳିତ ମାଟ୍ରିକ ପରୀକ୍ଷାରେ ୬ଶହ ମାର୍କରୁ ୫୬୩ (୯୩.୮୩%) ରଖି ବ୍ଲକ୍ ଟପ୍ପର ହେବାର ଗୌରବ ଅର୍ଜନ କରିଛନ୍ତି। ଏ ନେଇ ବ୍ଲକ ଶିକ୍ଷାଧିକାରୀ ସୁଧାଂଶୁ ଶେଖର ଜେନା ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଆୟୁଷୀ ବ୍ଲକ ଟପ୍ପର ହେବା ପରେ ଭେଲୋରା ସମେତ ସମଗ୍ର ବସ୍ତା ଓ ବାଲିଆପାଳ ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଛି। ଏହି ସଫଳତା ପାଇଁ ଆୟୁଷୀ ପ୍ରିୟଦର୍ଶିନୀ ତାଙ୍କ ଅଜା ତଥା ଅବସରପ୍ରାପ୍ତ ଶିକ୍ଷକ ମହେଶ୍ୱର ସାହୁ, ମା' ବାପା ଓ ବିଦ୍ୟାଳୟ ଶିକ୍ଷୟିତ୍ରୀ, ଶିକ୍ଷକଙ୍କୁ ଶ୍ରେୟ ଦେଇଛନ୍ତି। ଭବିଷ୍ୟତରେ ଡାକ୍ତର ହୋଇ ରୋଗୀ+ସେବା କରିବା ଲକ୍ଷ୍ୟ ବୋଲି ସେ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି। ଆୟୁଷି ହେଉଛନ୍ତି ମା' କବିତା ସାହୁ ଓ ବାପା ଶମ୍ଭୁନାଥ ସାହୁଙ୍କର ଝିଅ ଉଭୟ ମା' ବାପା ଶିକ୍ଷକତା କରନ୍ତି। ବାଲିଆପାଳ ବ୍ଲକ ଇନ୍ଦିପଡ଼ା ଗ୍ରାମରେ ତାଙ୍କର ଘର। ସେ ବସ୍ତା ଥାନା ଗଙ୍ଗାଧରପୁର ଗ୍ରାମର ଅଜା ମହେଶ୍ୱର ସାହୁଙ୍କ ଘରେ ରହି ଉକ୍ତ ହାଇସ୍କୁଲରେ ପଢୁଥିଲେ।

## ପରିବା ବ୍ୟବସାୟୀଙ୍କ ଝିଅ ବିଶ୍ୱବିଦ୍ୟାଳୟ ଟପ୍ପର

ପାଟଣା,୨୯।୫(ବୀର କିଶୋର ଦାଶ)



କେନ୍ଦୁଝର ଜିଲା ପାଟଣା ବ୍ଲକ୍ କ୍ଷୀରେଇଟାଙ୍ଗିରିସ୍ଥିତ ବିଶ୍ୱବିନାୟକ ଡିଗ୍ରୀ କଲେଜର ଛାତ୍ରୀ ନମ୍ରତା ବେହେରା କମ୍ପ୍ୟୁଟର ସାଇନ୍ସରେ ଶ୍ରୀରାମଚନ୍ଦ୍ର ଭଞ୍ଜ ବିଶ୍ୱବିଦ୍ୟାଳୟରେ ଟପ୍ପର ହୋଇଛନ୍ତି। ସେ ମୋଟ ୧୪୦୦ ରୁ ୧୨୧୯ ନମ୍ବର ଯଥା ୮୭ ପ୍ରତିଶତ ରଖି ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେ ବିଶ୍ୱବିଦ୍ୟାଳୟରେ ଟପ୍ପର ହେବା ପରେ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି। ନମ୍ରତା ଘର କେନ୍ଦୁଝର ଜିଲା ପାଟଣା ବ୍ଲକ୍ ଖିରେଇଟାଙ୍ଗିରୀ ପଞ୍ଚାୟତ ଡଳଙ୍ଗ ଗ୍ରାମରେ। ତାଙ୍କ ବାପା ବିଜୟାନନ୍ଦ ବେହେରା ଜଣେ ପରିବା ବ୍ୟବସାୟୀ ହୋଇଥିବା ବେଳେ ମା' ଗୀତାଞ୍ଜଳି ଗୃହିଣୀ। ନମ୍ରତା ତାଙ୍କ ସଫଳତା ପାଇଁ ନିଜର ମାତା, ପିତା ଓ ପରିବାର ବର୍ଗଙ୍କ ସହ ବିଶ୍ୱ ବିନାୟକ ଡିଗ୍ରୀ ମହାବିଦ୍ୟାଳୟର ଅଧକ୍ଷ ରବି ନାରାୟଣ ମହାନ୍ତ, ଅନ୍ୟ ଅଧ୍ୟାପିକା ଓ ଅଧ୍ୟାପକଙ୍କୁ ଶ୍ରେୟ ଦେଇଛନ୍ତି। ଭବିଷ୍ୟତରେ ସେ କମ୍ପ୍ୟୁଟର ଶିକ୍ଷା ବିଷୟରେ ଉଚ୍ଚତ୍ତର ଶିକ୍ଷା ହାସଲ କରିବା ସହ ଜଣେ ଭଲ ସଫ୍ଟୱେୟାର ଇଞ୍ଜିନିୟର ହେବେ ବୋଲି ଆଶା ରଖିଛନ୍ତି। ତାଙ୍କର ଏହି ସଫଳତା ପାଇଁ ତାଙ୍କୁ ବୁଧବାର ବିଶ୍ୱ ବିନାୟକ ଡିଗ୍ରୀ ମହାବିଦ୍ୟାଳୟର ଅଧକ୍ଷ ଶୁଭେଚ୍ଛା ଜଣାଇବା ସହ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

## ସିପିଆଇର ନିର୍ବାଚନୀ ସଭା

ଔପଦା, ୨୯।୫(ଧରିତ୍ରୀ ପଣ୍ଡା)

ଔପଦାରେ ସିପିଆଇର ନିର୍ବାଚନୀ ସଭା ନେତା ନିରଞ୍ଜନ ପ୍ରସାଦ ବାରିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ସିପିଆଇର ବର୍ଷୀୟାନ ନେତା ସାଥି ନାରାୟଣ ରେଡ୍ଡୀ, ପ୍ରଶାନ୍ତ ମିଶ୍ର, କୈଳାଶ ଚନ୍ଦ୍ର ପଣ୍ଡା, ମଦନମୋହନ ବେହେରା, ପ୍ରାର୍ଥୀ ଆଇନଜୀବୀ ଅଜୟ କୁମାର ପଟ୍ଟନାୟକ, ନେତ୍ରୀ ସଂଘମିତ୍ରା ଜେନା ମାଟି ପାଇଁ ଏହି ପାର୍ଟି ସଂଗ୍ରାମ କରିଛି। ଖଟିକିଆ ମଜୁଦୁରଙ୍କ ପାଇଁ ଏ ପାର୍ଟି ଛିଡ଼ା ହୋଇଛି। ତେଣୁ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ଭୋଟ ଦେବାକୁ ସଭାରେ ନିବେଦନ କରାଯାଇଥିଲା।

## ସାମାଜିକକର୍ମୀଙ୍କ ପରଲୋକ

ଆନନ୍ଦପୁର,୨୯।୫(ଉମେଶ ଚନ୍ଦ୍ର ପାଢ଼ୀ)

କେନ୍ଦୁଝର ଜିଲା ଆନନ୍ଦପୁର ବ୍ଲକ୍ ବେଲବାହାଳି ଗ୍ରାମର ସାମାଜିକକର୍ମୀ ତଥା କଂଗ୍ରେସର ସକ୍ରିୟ ସଦସ୍ୟ ଶରତ ଚନ୍ଦ୍ର ସାହୁ (୫୨)ଙ୍କ ବୁଧବାର ପରଲୋକ ଘଟିଛି। ୨ ଦିନ ପୂର୍ବେ ଅସୁସ୍ଥ ହୋଇପଡ଼ିବାରୁ ପରିବାର ଲୋକେ ଭୁବନେଶ୍ୱରର ଏକ ଘରୋଇ ମେଡ଼ିକାଲରେ ଭର୍ତ୍ତି କରିଥିଲେ। ଖବର ପାଇ ପୂର୍ବତନ ପିସିସି ସଭାପତି ଜୟଦେବ ଜେନା ଏବଂ ଗ୍ରାମର ସମସ୍ତ ଆବାଳ ବୃଦ୍ଧବନିତା ଉପସ୍ଥିତ ରହି ତାଙ୍କ ଆତ୍ମାର ସଦ୍‌ଗତି କାମନା କରିବା ସହ ଶେଷ ଦର୍ଶନ କରିଛନ୍ତି। ଏଥିସହ ବଜାର ବନ୍ଦ କରାଯାଇ ନିରବ ପ୍ରାର୍ଥନା କରାଯାଇଛି।

# ପିତାଙ୍କ ପଥେ ଅର୍ଜୁନ



ଚମ୍ପୁଆ,୨୯।୫ (ମହେଶ୍ୱର ଦାସ)

## ପାରମ୍ପରିକ କଣ୍ଢେଇ ନାଚ କଳାକୁ ବଞ୍ଚାଇବାର ପ୍ରୟାସ

କେନ୍ଦୁଝର ଜିଲା ସମେତ ରାଜ୍ୟରେ କଣ୍ଢେଇ ନୃତ୍ୟ ପାରମ୍ପରିକ କଳା ଭାବେ ପରିଚିତ। ଗ୍ରାମାଞ୍ଚଳଠାରୁ ଆରମ୍ଭକରି ସହରାଞ୍ଚଳରେ ଜନସାଧାରଣଙ୍କର ମନୋରଞ୍ଜନ ମାଧ୍ୟମ ହୋଇରହିଛି। ଏବେ ଟେଲିଭିଜନ, ମୋବାଇଲ ଯୁଗରେ ପାରମ୍ପରିକ କଳା ଲୋପ ପାଇଯାଉଥିବା ବେଳେ ଏହାକୁ ବଞ୍ଚାଇ ରଖିଛନ୍ତି ଚମ୍ପୁଆ ବ୍ଲକ୍ ଅନ୍ତର୍ଗତ ଟିଆଁପସି ଗ୍ରାମର ଅର୍ଜୁନ ସିଂହ। ପିତାଙ୍କୁ ଦେଇଥିବା କଥା ରଖି ପିତାଙ୍କ ବିୟୋଗ ପରେ ତାଙ୍କ ପଥ ଅନୁସରଣକରି କଣ୍ଢେଇନାଚକୁ ଆପଣେଇଛନ୍ତି।

ସୂଚନା ଅନୁଯାୟୀ, ଅର୍ଜୁନଙ୍କ ବାପା ଶିଳ୍ପୀ ମୁନିବର ସିଂହଙ୍କ କଣ୍ଢେଇ ନୃତ୍ୟ ଶିଳ୍ପୀଭାବେ ବେଶ୍ ଖ୍ୟାତି ରହିଥିଲା। ସେ ଜିଲା, ଜିଲା ବାହାରେ କଣ୍ଢେଇ ନୃତ୍ୟ ପରିବେଷଣ କରି ପୁରସ୍କୃତ ହୋଇଛନ୍ତି। ତାଙ୍କୁ ଅର୍ଜୁନ ସହଯୋଗ କରୁଥିଲେ। ମୁନିବରଙ୍କ ଅକାଳ ବିୟୋଗ ପରେ ଅର୍ଜୁନ ପିତାଙ୍କୁ ଦେଇଥିବା କଥା ଅନୁଯାୟୀ ପାରମ୍ପରିକ କଳାକୁ ଆଦରି ନେଇଛନ୍ତି। ପିତାଙ୍କୁ ବିଭିନ୍ନ କାର୍ଯ୍ୟକ୍ରମରେ ସହଯୋଗ କରୁଥିବା ଅର୍ଜୁନ ଶେଷରେ ନିଜକୁ ଜଣେ କଣ୍ଢେଇ ନୃତ୍ୟ ଶିଳ୍ପୀଭାବେ ପ୍ରତିପାଦିତ କରିପାରିଛନ୍ତି। ପିତାଙ୍କ ଦ୍ୱାରା ଗଢ଼ାଯାଇଥିବା ଜୟ ଜଗନ୍ନାଥ କଣ୍ଢେଇ ନୃତ୍ୟ କଳା ପ୍ରତିଷ୍ଠାନର ଦାୟିତ୍ୱ ନେଇଛନ୍ତି। ଏହାଦ୍ୱାରା ପୌରାଣିକ କଥାବସ୍ତୁ ଉପରେ ଆଧାରିତ କଣ୍ଢେଇ ନାଟକ ଗୋପରେ ବଢୁଛି କଳା କହ୍ନେଇ, କଂସ ବଧ ଆଦି କଥାବସ୍ତୁକୁ ନିର୍ଜୀବ କାଠ କଣ୍ଢେଇ ମୁହଁରେ ପ୍ରତିଫଳିତ କରିପାରିଛନ୍ତି। କଣ୍ଢେଇ ଦ୍ୱାରା ବିଭିନ୍ନ ଚରିତ୍ରକୁ ଚିତ୍ରଣକରି ଦର୍ଶକଙ୍କ ମନୋରଞ୍ଜନ କରୁଛନ୍ତି। ପରିବର୍ତ୍ତନଶୀଳ ସମାଜରେ ପୌରାଣିକ କଥାବସ୍ତୁ ସାମାଜିକ ସଂସ୍କାରର ଏକ ମାଧ୍ୟମ ହୋଇଥିବା ବେଳେ ଏହି ପୌରାଣିକ କଥାବସ୍ତୁକୁ ନେଇ ଅନୁଷ୍ଠିତ କଣ୍ଢେଇ ନାଚ ମାଧ୍ୟମରେ ସଚେତନତା ସୃଷ୍ଟି କରାଯାଉଛି। ହଜିଯାଉଥିବା ପାରମ୍ପରିକ କଣ୍ଢେଇ ନୃତ୍ୟକୁ ସରକାରୀ ପ୍ରୋତ୍ସାହନ ମିଳିଲେ ଏହା ଆହୁରି ଆଗକୁ ବଢ଼ିପାରିବ ବୋଲି ଅର୍ଜୁନ କହିଛନ୍ତି। ଏହି କଣ୍ଢେଇ ନାଚରେ ନିଜ ପରିବାର ଲୋକ ସହଯୋଗ କରନ୍ତି। କଣ୍ଢେଇ ନୃତ୍ୟ ଦ୍ୱାରା ଉପାର୍ଜିତ ଅର୍ଥରେ ପରିବାର ପ୍ରତିପୋଷଣ କରିବା ଯଥେଷ୍ଟ ହେଉ ନ ଥିବାରୁ ଚାଷ ଉପରେ ମଧ୍ୟ ନିର୍ଭର କରିବାକୁ ପଡୁଛି ବୋଲି ସେ କହିଛନ୍ତି।

## ସ୍ନାତକ କଳା ସମ୍ମାନରେ ମୌସୁମୀ, ଜ୍ୟୋତ୍ସ୍ନାରାଣୀ ଟପ୍ପର

ବାଲିଆପାଳ, ୨୯।୫(ଗୋପାଳ ଚନ୍ଦ୍ର ସାହୁ)

ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକର କୃଷ୍ଣଚନ୍ଦ୍ର ପିପିଲି ମହାବିଦ୍ୟାଳୟ, ଜଗାଇର ସ୍ନାତକ କଳା ବିଭାଗରେ ଓଡ଼ିଆ ସମ୍ମାନ ଓ ସଂସ୍କୃତ ସମ୍ମାନ ବିଭାଗର ୨ ଜଣ ଛାତ୍ରୀ ମୌସୁମୀ ଦାସ ଓ ଜ୍ୟୋତ୍ସ୍ନାରାଣୀ ରାଉତ ଏଫ୍‌ଏମ୍ ବିଶ୍ୱବିଦ୍ୟାଳୟରେ ଟପ୍ପର ହୋଇଛନ୍ତି। ଏହି ସଫଳତା ପାଇଁ ମହାବିଦ୍ୟାଳୟ ଅଧକ୍ଷା ଡ. ହରପ୍ରିୟା ଦାଶ ସମେତ ଅଧ୍ୟାପିକାଅଧ୍ୟାପକଙ୍କ ଶ୍ରେୟ ଦେଇଛନ୍ତି। ନାରାୟଣପୁର ଗ୍ରାମର ମୌସୁମୀ ଓ ରାଉତୁରା ଗ୍ରାମର ଜ୍ୟୋତ୍ସ୍ନାରାଣୀ ଅଧ୍ୟାପିକା ହେବାକୁ ଆଶା ରଖିଛନ୍ତି।

## ଶକୁନ୍ତଳା ଟ୍ୟୁଟୋରିଆଲରେ କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା



ବାହାନଗା, ୨୯।୫(ଅରୂପ୍ କୁମାର ଦାସ)

ବାଲେଶ୍ୱର ଜିଲା ବାହାନଗା ବ୍ଲକ ଗୋପାଳପୁରଠାରେ ଥିବା ଶକୁନ୍ତଳା ଟ୍ୟୁଟୋରିଆଲରେ ପାଠ ପଢୁଥିବା କୃତୀ ଛାତ୍ରୀଛାତ୍ର ଓ ବ୍ଲକସ୍ତରୀୟ ଟପ୍ପର ଛାତ୍ରଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଯୁକ୍ତ ଦୁଇ ବିଜ୍ଞାନ ଛାତ୍ର ନୂଆପୁର ଗ୍ରାମର ମାନସ କୁମାର ମହାରଣା ୫୦୫ ମାର୍କ ରଖି ବ୍ଲକରେ ଟପ୍ପର ହୋଇଛନ୍ତି। ସେ ଗୋପାଳପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପାଠ ପଢୁଥିଲେ। ତେବେ କଲେଜରେ ପଢିବା ସହିତ ଶକୁନ୍ତଳା ଟ୍ୟୁଟୋରିଆଲରେ କୋଚିଂ ନେଉଥିବାରୁ ଟ୍ୟୁଟୋରିଆଲର ଚେୟାରମ୍ୟାନ୍ ସଞ୍ଜୟ କୁମାର ଦାଶ ଫୁଲତୋଡା ଦେଇ ମାନସଙ୍କୁ ସମ୍ବର୍ଦ୍ଧିତ କରିଥିଲେ। କେବଳ ମାନସ ନୁହେଁ ସେଠାରେ କୋଚିଂ ନେଇ ବ୍ଲକରେ ଦ୍ୱିତୀୟ ହୋଇଥିବା ତାଳପଦା ଗ୍ରାମର ସୁକନ୍ୟା ମଲ୍ଲିକଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ସେମାନଙ୍କ ସହିତ ଅନ୍ୟ କୃତିତ୍ୱ ଲାଭ କରିଥିବା ସମସ୍ତ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ତେବେ ଶକୁନ୍ତଳା ଏଜୁକେଶନ ଟ୍ରଷ୍ଟ ପକ୍ଷରୁ ଚଳିତବର୍ଷ ଯୁକ୍ତ ଦୁଇ ବିଜ୍ଞାନର ଶତପ୍ରତିଶତ ସଫଳତାକୁ ନେଇ ଏକ ଖବରଦାତା ସମ୍ମିଳନୀ କରି ନିଜର ଅନୁଷ୍ଠାନର ସଫଳତା ବିଷୟରେ ପ୍ରକାଶ କରିଥିଲେ। ପରେ ଛାତ୍ରୀଛାତ୍ରମାନଙ୍କୁ ନେଇ ଏକ ସଚେତନତା ଶୋଭାଯାତ୍ରା କରାଯାଇଥିଲା। ବିଜ୍ଞାନର ବ୍ଲକ ସ୍ତରୀୟ ଟପ୍ପର ହୋଇଥିବା ମାନସ ମହାରଣାଙ୍କ ଘର ନୂଆପୁର ଗ୍ରାମରେ । ସେ ମା' ଝିଲ୍ଲୀ ମହାରଣା ଓ ବାପା ଶଶୀକାନ୍ତ ମହାରଣାଙ୍କ ପୁଅ ।

## ସଂକ୍ଷେପରେ

### ଖଇରାରେ ଫରୱାର୍ଡ ବ୍ଲକର ପଥପ୍ରାନ୍ତ ସଭା



ଖଇରା, ୨୯ ।୫(ଉତ୍କଳବନ୍ଧୁ ପଣ୍ଡା): ବାଲେଶ୍ୱର ଜିଲା ଖଇରା ବଜାର ପୋଷ୍ଟଅଫିସ ଛକରେ ଅଲ୍ ଇଣ୍ଡିଆ ଫରୱାର୍ଡ ବ୍ଲକ ତରଫରୁ ଏକ ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ସମ୍ପାଦକ ସନ୍ତୋଷ କୁମାର ସାହୁ, ରତ୍ନାକର ଜେନା, ବଳରାମ ସାହୁ, କଳ୍ପତରୁ ଜେନା, ନିରଞ୍ଜନ ବାରିକ ଓ ପୂର୍ଣ୍ଣଚନ୍ଦ୍ର ଦାସ ପ୍ରମୁଖ ଉପସ୍ଥିତ ରହି ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଉପରେ ବର୍ଷିଥିଲେ। ଏଥିସହ ଇଣ୍ଡିଆ ମେଣ୍ଟ ପ୍ରାର୍ଥୀଙ୍କୁ ବିପୁଳ ମାତ୍ରାରେ ଭୋଟ ଦେଇ ଜିତାଇବାକୁ ଭୋଟରଙ୍କୁ ନିବେଦନ କରିଥିଲେ।

### ବାହାନଗାରେ ରେଳମନ୍ତ୍ରୀଙ୍କ ରୋଡ୍ ଶୋ'

ବାହାନଗା, ୨୯।୫(ଅରୂପ୍ କୁମାର ଦାସ)

ନିର୍ବାଚନକୁ ଆଉ ୩ଦିନ ବାକି ଥିବା ବେଳେ ବିଭିନ୍ନ ଦଳ ପକ୍ଷରୁ ପ୍ରଚାରକୁ ଜୋରଦାର କରାଯାଇଛି। ଗତ ସୋମବାର ସନ୍ଧ୍ୟାରେ ବାହାନଗାରୁ ଗୋପାଳପୁର ଦେଇ ସୋର ପର୍ଯ୍ୟନ୍ତ ରୋଡ୍ ଶୋ' କରିଛନ୍ତି କେନ୍ଦ୍ର ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ। ଏହି ରୋଡ୍ ଶୋ'ରେ ଭାଜପାର ସୋର ନିର୍ବାଚନମଣ୍ଡଳୀ ବିଧାୟକ ତଥା ବିଧାୟକ ପ୍ରାର୍ଥୀ ପର୍ଶୁରାମ ଧଡା ଓ ଭଦ୍ରକ ଏମ୍‌ପି ପ୍ରାର୍ଥୀ ଅଭିମନ୍ୟୁ ସେଠୀ ସାମିଲ ହୋଇଥିଲେ। ବାହାନଗା ପଡିଆରୁ ଏହି ରୋଡ ଶୋ' ବାହାରି ବାହାନଗା ବଜାର ଦେଇ ଗୋପାଳପୁର, ଅଞ୍ଜି ଓ ଅନନ୍ତପୁର ଦେଇ ସୋରରେ ପହଞ୍ଚିଥିଲା।



# ୧୫ଦିନ ଧରି ଲିଙ୍କ୍ ଫେଲ୍: ଡୁଙ୍ଗୁରା ଉପଡାକଘରେ ଅଚଳାବସ୍ଥା

ଖଇରା, ୨୯ ।୫(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ଡୁଙ୍ଗୁରା ଉପଡାକଘରେ ଲିଙ୍କ ଫେଲ୍ ଯୋଗୁ ଗତ ୧୫ଦିନ ହେଲା ଅଚଳାବସ୍ଥା ଦେଖାଦେଇଛି। ଅସହ୍ୟ ଗରମରେ ଗ୍ରାହକମାନେ ଦୈନନ୍ଦିନ କାର୍ଯ୍ୟାଳୟକୁ ଆସି ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରି ଫେରୁଛନ୍ତି । ତ୍ରୁଟି ମରାମତି କରାଯାଉ ନ ଥିବାରୁ ଗ୍ରାହକମାନଙ୍କର କାର୍ଯ୍ୟାଳୟ ଉପରୁ ଭରସା ତୁଟିଗଲାଣି। ତୁରନ୍ତ ଏହି ତ୍ରୁଟିକୁ ସଜାଡିବାକୁ କାର୍ଯ୍ୟାଳୟରୁ ଫେରୁଥିବା




ଶହ ଶହ ଜମାକାରୀ ଦାବି କରିଛନ୍ତି । ଏହି ଉପଡାକ କେନ୍ଦ୍ର ଅଧୀନରେ ଦାମୋଦରପୁର, ବାଘୁଆ, କଲ୍ୟାଣୀ ଓ ଅରଖପୁର ଭଳି ଶାଖା ଡାକଘର ରହିଛି। ପ୍ରତ୍ୟେକ ଦିନ ଶତାଧିକ ଲୋକ ଜମା, ଉଠାଣ ତଥା ଅନ୍ୟାନ୍ୟ କାର୍ଯ୍ୟ ପାଇଁ ଏହି ଉପଡାକଘର ଉପରେ ନିର୍ଭର କରିଥାନ୍ତି । ବାରାପୁର ନିକଟରେ ପୋଲ କାମ ଚାଲିଥିବା ବେଳେ ତାର କଟିବା ଯୋଗୁ ଲିଙ୍କ ଫେଲ୍ ହୋଇଥିବା ଆଳରେ ଆସୁଥିବା ଉପଭୋକ୍ତାମାନଙ୍କୁ ଫେରାଇ ଦିଆଯାଉଛି । ତୁରନ୍ତ ତ୍ରୁଟିକୁ ମରାମତି କରିବାକୁ ଡୁଙ୍ଗୁରା ବଜାର କମିଟିର ପୂର୍ବତନ ସଭାପତି ଭରତ କୁମାର ରାଉତ ଦାବି କରିଛନ୍ତି। ଏ ସମ୍ପର୍କରେ ପୋଷ୍ଟମାଷ୍ଟର କମଳଲୋଚନ ମଲ୍ଲିକଙ୍କୁ ପଚାରିବାରେ ଏବେ ଖୁବଶୀଘ୍ର ତ୍ରୁଟି ସଜାଡିବାର ବ୍ୟବସ୍ଥା କରାଯାଉଛି।

# ସେବା ବିତରଣ ପ୍ରକ୍ରିୟାକୁ ସରଳ କରୁଛି ଟିପିଏନ୍‌ଓଡିଏଲ୍



ଅନୁଭବ କେନ୍ଦ୍ର ଜରିଆରେ ଉପଭୋକ୍ତାଙ୍କ ଅଭିଯୋଗ ଗ୍ରହଣ କରାଯାଉଛି।

ବାଲେଶ୍ୱର, ୨୯।୫(ମାନସ ବିଶ୍ୱାଳ)

ବାଲେଶ୍ୱର ଜିଲା ରେମୁଣା ଗୋଲେଇସ୍ଥିତ ଟାଟା ପାୱାର ଏବଂ ଓଡ଼ିଶା ସରକାରଙ୍କ ଯୌଥ ଉଦ୍ୟୋଗ ଟିପି ନର୍ଦ୍ଦନ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ(ଟିପିଏନଓଡିଏଲ) ପକ୍ଷରୁ ଉପଭୋକ୍ତାମାନଙ୍କ ବିଭିନ୍ନ ସମସ୍ୟାର ତ୍ୱରିତ ସମାଧାନ ଓ ସେମାନଙ୍କ ହାତ ପାଆନ୍ତାରେ ସମସ୍ତ ସୁବିଧା ସୁଯୋଗ ପହଞ୍ଚାଇବାକୁ ଗୁରୁତ୍ୱ ଦିଆଯାଉଛି। ବିଦ୍ୟୁତ ସେବା ସମ୍ପର୍କିତ ଯେକୌଣସି ସମସ୍ୟାର ସମାଧାନ ପାଇଁ ୨୪ଘଣ୍ଟିଆ ଦେୟମୁକ୍ତ ଗ୍ରାହକ ସେବା ନମ୍ବର ୧୮୦୦୩୪୫୬୭୧୮/ ୧୯୧୨ ସୁବିଧା କରାଯିବା ସହ ୧୬ଟି ଗ୍ରାହକ ସେବା କେନ୍ଦ୍ର ଓ ୧୩୯ଟି ଅନୁଭବ କେନ୍ଦ୍ର ମଧ୍ୟ ଖୋଲିଛି। ଗ୍ରାହକ ସେବା କେନ୍ଦ୍ରଗୁଡ଼ିକ ଟିପିଏନଓଡିଏଲର ସମସ୍ତ ଡିଭିଜନରେ ଖୋଲିଥିବା ବେଳେ ଅନୁଭବ କେନ୍ଦ୍ରଗୁଡ଼ିକ ଗ୍ରାମାଞ୍ଚଳର ଉପଭୋକ୍ତାମାନଙ୍କୁ ଉତ୍ତମସେବା ଯୋଗାଇବା ପାଇଁ ଖୋଲିଛି। ଏହି କେନ୍ଦ୍ରଗୁଡ଼ିକରେ ଉପଭୋକ୍ତା ବିଦ୍ୟୁତ ସେବା ସମ୍ପର୍କିତ ନିଜର ଦ୍ୱନ୍ଦ୍ୱ ଦୂର କରିବା, ସମସ୍ୟର ସମାଧାନ କରିବା ସହିତ ବିଲ ପଇଠ ମଧ୍ୟ କରିପାରିବେ। ଗ୍ରାହକ ସେବା କେନ୍ଦ୍ର ଓ ଅନୁଭବ କେନ୍ଦ୍ରଗୁଡ଼ିକ ଛୁଟିଦିନ ବ୍ୟତୀତ ପ୍ରତିଦିନ ସକାଳ ୯ଟା ୩୦ରୁ ସନ୍ଧ୍ୟା ୫ଟା ୩୦ପର୍ଯ୍ୟନ୍ତ ଖୋଲା ରହୁଥିବା ବେଳେ ସମସ୍ତ ସେକ୍ସନ, ସବ୍‌ଡିଭିଜନ୍ ଓ ଡିଭିଜନ ଅଫିସରେ ମଧ୍ୟ ଉପଭୋକ୍ତା ନିଜର ଅଭିଯୋଗ ଦାଖଲ କରିବାର ସୁଯୋଗ ପାଉଛନ୍ତି।

ସେହିପରି ଠିକ୍ ଏବଂ ସ୍ୱଚ୍ଛ ବିଦ୍ୟୁତ୍ ବିଲ୍ ପ୍ରଦାନ କରିବା ଉପରେ ଟିପିଏନଓଡିଏଲ ଗୁରୁତ୍ୱ ଦେଉଛି। ଯାହାକି ଉପଭୋକ୍ତାଙ୍କ ବୁଝିବା ପାଇଁ ସହଜ ଓ କୌଣସି ଅସଙ୍ଗତି ଥିଲେ ସଂଶୋଧନ କରିବା ପ୍ରକ୍ରିୟା ମଧ୍ୟ ସହଜ ଅଟେ। ବିଦ୍ୟୁତ ବିଲ ପଇଠ ପ୍ରକ୍ରିୟାକୁ ସହଜ କରିବା ପାଇଁ ଟିପିଏନଓଡିଏଲର ସମସ୍ତ ଡିଜିଟାଲ ପଦ୍ଧତି ଜରିଆରେ ବିଲ୍ ଗ୍ରହଣ କରୁଥିବା ବେଳେ ସ୍ୱାଇସ ମନିକେନ୍ଦ୍ର, ଏୟାରଟେଲ ପେମେଣ୍ଟସ ବ୍ୟାଙ୍କ, ଏସ୍‌ବିଆଇ କଷ୍ଟମର ଟଚ ପଏଣ୍ଟ ଭଳି ବିଭିନ୍ନ ତୃତୀୟ ପକ୍ଷ ସଂସ୍ଥା ଦ୍ୱାରା ବିଦ୍ୟୁତ ବିଲ୍ ପଇଠ ପାଇଁ ସୁବିଧା ଉପଲବ୍ଧ କରିଛି। ସେହିଭଳି ବିଜୁଳି ସେବା ସମ୍ବନ୍ଧିତ ସମସ୍ତ ସହାୟତା ପାଇଁ 'ମାଇଁ ଟାଟା ପାୱାର ଆପ'କୁ ବ୍ୟବହାର କରିବାକୁ ଟିପିଏନଓଡିଏଲ ନିଜର ଉପଭୋକ୍ତାଙ୍କୁ ପରାମର୍ଶ ଦେଇଛି।

### ସିପିଏମର ବୈଠକ

ବାହାନଗା, ୨୯।୫(ଅରୂପ୍ କୁମାର ଦାସ)–ସୋର ନିର୍ବାଚନମଣ୍ଡଳୀ ଅଧୀନ ବାହାନଗା ବ୍ଲକର ସିପିଏମ ପକ୍ଷରୁ ଏକ ନିର୍ବାଚନୀ ବୈଠକ ଅନୁଷ୍ଠିତ ହୋଇଛି । ଏଥିରେ କମ୍ରେଡ ଶିବପ୍ରସାଦ ଦାସଙ୍କ ସଭାପତିତ୍ୱରେ ବୈଠକ ଅନୁଷ୍ଠିତ ହୋଇଥିଲା। ନୀଳଗିରି ନିର୍ବାଚନ ମଣ୍ଡଳୀରେ ସିପିଏମ ଦଳର ପ୍ରାର୍ଥୀଙ୍କ ପାଇଁ ପ୍ରଚାର କାର୍ଯ୍ୟକ୍ରମରେ ସହଯୋଗ କରିବା ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଛି।

## ମାଗୁଣି ଚରଣ ବାଳାଶ୍ରମର ବାର୍ଷିକ ଉତ୍ସବ

# ରାଷ୍ଟ୍ର ନିର୍ମାଣ କରେ ନୈତିକ ଶିକ୍ଷା




କୃତୀ ପ୍ରତିଯୋଗୀଙ୍କୁ ମୁଖ୍ୟଅତିଥି ମାନପତ୍ର ପ୍ରଦାନ କରୁଛନ୍ତି।

ରୂପସା, ୨୯।୫(ବାଞ୍ଛାନିଧି ଦେ)

ବାଲେଶ୍ୱର ଜିଲା ବସ୍ତା ଥାନା ମଥାନୀ ପଞ୍ଚାୟତ ଅଧୀନ ମାଗୁଣି ଚରଣ ବାଳାଶ୍ରମରେ ୪୮ତମ ବାର୍ଷିକ ଉତ୍ସବ ସୋମବାର ପାଳିତ ହୋଇଛି। ଆଶ୍ରମ ସଭାପତି ବିଜୟକୁମାର ସିଂହ ଏହି ଉତ୍ସବରେ ପୌରୋହିତ୍ୟ କରିଥିଲେ। ମୁଖ୍ୟଅତିଥି ଭାବେ ବସ୍ତା ଥାନା ଅଧିକାରୀ ଗୋବିନ୍ଦ ବେହେରା ଯୋଗଦେଇ ନୈତିକ ଶିକ୍ଷା ହିଁ ରାଷ୍ଟ୍ରକୁ ନିର୍ମାଣ କରିବାରେ ସହାୟକ ହୋଇଥାଏ ବୋଲି ବକ୍ତବ୍ୟରେ କହିଥିଲେ। ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଶିକ୍ଷକ ଅଭିରାମ ପରିଡ଼ା, ସମ୍ମାନିତ ଅତିଥି ପରମେଶ୍ୱର ଭୋଇ, ଅଧକ୍ଷ ରାମଶଙ୍କର ମହାପାତ୍ର, ଆଶ୍ରମ ସୁପରିଣ୍ଟେଣ୍ଡେଣ୍ଟ ଡା. ହରିହର ମହାପାତ୍ର ଯୋଗଦେଇ ଖେଳକୁଦ, ନାଚ, ଗୀତ ମାଧ୍ୟମରେ ଛାତ୍ରୀଛାତ୍ରୀଙ୍କ ପ୍ରତିଭା ବିକାଶ ହୋଇଥାଏ ବୋଲି ମତବ୍ୟକ୍ତ କରିଥିଲେ। ଆଶ୍ରମ ପ୍ରତିଷ୍ଠାତା ପ୍ରତାପଚନ୍ଦ୍ର ମହାପାତ୍ର ବାର୍ଷିକ ବିବରଣୀ ପାଠ କରିଥିଲେ। କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ମାନପତ୍ର ଓ ପୁରସ୍କାର ବିତରଣ କରିଥିଲେ। ଶିକ୍ଷକ ଦୀପକ ପ୍ରଧାନ, କ୍ଷୀରୋଦ ପଣ୍ଡା, ଦିଲୀପ ଦଣ୍ଡପାଟ, ଶିକ୍ଷୟିତ୍ରୀ ପୁଷ୍ପଲତା ଜେନା, ପ୍ରଜ୍ଞାପିତା ବେହେରା, ମିନାକ୍ଷୀ ଜେନା, ବୈଶାଳୀ ମହାନ୍ତି, ସସ୍ମିତା ଜେନା, ସସ୍ମିତା ରାଉତ, ବିଜୟିନୀ ମହାପାତ୍ର, ଐଶ୍ୱର୍ଯ୍ୟା ବେହେରା ପ୍ରମୁଖ ଉତ୍ସବ ପରିଚାଳନା କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

# ସିମୁଳିଆ ବ୍ଲକ ଟପ୍ପର ମୌସୁମୀଙ୍କୁ ସମ୍ବର୍ଦ୍ଧନା

ସିମୁଳିଆ, ୨୯।୫(ସନ୍ତୋଷ ନାୟକ)

ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ଅନୁଷ୍ଠିତ ମାଟ୍ରିକ ପରୀକ୍ଷାରେ ସିମୁଳିଆ ବ୍ଲକ ଟପ୍ପର ହୋଇଥିବା ରଘୁନାରାୟଣ ସରକାରୀ ହାଇସ୍କୁଲର ଛାତ୍ରୀ ମୌସୁମୀ ମହାପାତ୍ରଙ୍କୁ ସୋମବାର ସିମୁଳିଆ ଓଷ୍ଟା ଶିକ୍ଷକ ସଂଘ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି । ଶିକ୍ଷକ ସଂଘ ସଭାପତି ଭଗବାନ ବାରିକ, ସମ୍ପାଦକ ପ୍ରସନ୍ନ କୁମାର ଧଳ, ପୂର୍ବତନ ସଭାପତି କମଳାକାନ୍ତ ପତି, ଦିଲୀପ କୁମାର ରଥ, ବନମାଳୀ ନାୟକ, ରଘୁନାରାୟଣ ବିଦ୍ୟାଳୟ ପ୍ରଧାନଶିକ୍ଷକ ଜୟନ୍ତ କୁମାର ପଣ୍ଡା ପ୍ରମୁଖ ତାଙ୍କ



ଓଷ୍ଟା ଶିକ୍ଷକ ସଂଘ ପକ୍ଷରୁ ବ୍ଲକ ଟପ୍ପର ମୌସୁମୀଙ୍କୁ ସମ୍ବର୍ଦ୍ଧନା।

ଘରେ ପହଞ୍ଚି ଫୁଲତୋଡ଼ା, ଡିକ୍ସନାରୀ ଓ ଜଗନ୍ନାଥଙ୍କ ଫଟୋଚିତ୍ର ପ୍ରଦାନ କରିଥିଲେ।

ମୌସୁମୀ ମୋଟ ୬ଶହ ନମ୍ବରରୁ ୫୬୨ନମ୍ବର ରଖି ସିମୁଳିଆ ବ୍ଲକ ଟପ୍ପର ହୋଇଛନ୍ତି। ମାର୍କୋଣା ଅଞ୍ଚଳର ତିଳୋତ୍ତମା ଓ ଆଦିତ୍ୟ ମହାପାତ୍ରଙ୍କ ଝିଅ ମୌସୁମୀ ଭବିଷ୍ୟତରେ ଜଣେ ଡାକ୍ତର ହୋଇ ସେବା ଯୋଗାଇ ଦେବାକୁ ଲକ୍ଷ୍ୟ ରଖିଛନ୍ତି। ପ୍ରତ୍ୟେକ ଦିନ ସେ ୭ରୁ ୮ଘଣ୍ଟା ପରିଶ୍ରମ କରୁଥିବା ସେ କହିଛନ୍ତି।

## କେନ୍ଦୁଝର

### ଶ୍ରୀଗୁରୁକୁଳ ମଡେଲ ସ୍କୁଲର ସମସ୍ତ ଛାତ୍ରୀଛାତ୍ର ଉତ୍ତୀର୍ଣ୍ଣ

ଡେଙ୍ଗିକୋଟ,୨୯।୫(ନୀଳମଣି ମଣ୍ଡଳ)

କେନ୍ଦୁଝର ଜିଲା ଘଟଗାଁ ବ୍ଲକ୍ ଗଦାଧରପୁର ପଞ୍ଚାୟତସ୍ଥିତ କୁଢ଼ଟାଙ୍ଗରଠାରେ ଥିବା ସେବା ଫାଉଣ୍ଡସନ ଆନୁକୂଲ୍ୟରେ ପରିଚାଳିତ ଶ୍ରୀ ଗୁରୁକୁଳ ମଡ଼େଲ ସ୍କୁଲର ସମସ୍ତ ୩୨ ଛାତ୍ରୀଛାତ୍ର ଦଶମ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେଥିରୁ ଶୁଭସ୍ମିତା ସାହୁ, ପିବି ତୃପ୍ତିରେଖା, ଜ୍ୟୋସ୍ନାରାଣୀ ମହାନ୍ତ, ରାହୁଲ ପ୍ରଧାନ ଏ–୧ ପାଇଛନ୍ତି। ଏ–୨ରେ ମୋଟ ୨୦ ଜଣ ପାଇଥିବା ବେଳେ ବି–୧ରେ ୮ ଜଣ ପାସ ହୋଇଛନ୍ତି। ପ୍ରଧାନ ଶିକ୍ଷକ ରାଜେଶ ରାଉତ, ପ୍ରଧାନ ଆଚାର୍ଯ୍ୟ ଅଖିଳ ପ୍ରଧାନ, ଜୟଦେବ ବାରିକ, ଧବଳେଶ୍ୱର ବେହେରା, ସୁରେଶଚନ୍ଦ୍ର ବେହେରା, ଆଲୋକ ମଣ୍ଡଳ, ଶର୍ମିଷ୍ଠା ବେହେରା, ନମିତା ଗିରିଙ୍କୁ ବିଦ୍ୟାଳୟର ଅଧକ୍ଷ ଡ. ସତ୍ୟବ୍ରତ ସାହୁ ଓ ମ୍ୟାନେଜିଂ ଟ୍ରଷ୍ଟି ସରୋଜ କୁମାର ସାହୁ ଧନ୍ୟବାଦ ଅର୍ପଣ କରିବା ସହିତ ସମସ୍ତ କୃତୀ ଛାତ୍ରୀଛାତ୍ରଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

### ଷ୍ଟ୍ରକ୍‌ଚରରେ ନିଆଁ, ବିଦ୍ୟୁତ୍ ସରବରାହ ବ୍ୟାହତ

ବଡ଼ବିଲ,୨୯।୫(ଦେବପ୍ରିୟ ରଣା)

କେନ୍ଦୁଝର ଜିଲା ବଡବିଲସ୍ଥିତ ଇଲେକ୍ଟ୍ରିକାଲ ଷ୍ଟ୍ରକଚରରେ ବୁଧବାର ନିଆଁ ଲାଗିଯିବାରୁ ବିଦ୍ୟୁତ୍ ସରବରାହ ଦୀର୍ଘ ଘଣ୍ଟା ଧରି ବ୍ୟାହତ ହୋଇଥିଲା। ପ୍ରଚଣ୍ଡ ରୌଦ୍ରତାପ ଓ ଗୁଳୁଗୁଳି ସାଙ୍ଗକୁ ବିଦ୍ୟୁତ୍ ସରବରାହ ବ୍ୟାହତ ଯୋଗୁ ଜନଜୀବନ ଅସହ୍ୟ ହୋଇପଡ଼ିଛି। ସୂଚନା ଅନୁଯାୟୀ, ବୁଧବାର ଅପରାହ୍ନ ୩ଟା ସମୟରେ ଷ୍ଟ୍ରକଚରର ଟ୍ରାନ୍ସଫର୍ମର ନିକଟରେ ନିଆଁ ଲାଗିଯାଇଥିଲା। ବିଦ୍ୟୁତ୍ କର୍ମଚାରୀ ନିଆଁ ଲିଭାଇ ମରାମତି କରିବାକୁ ଦୀର୍ଘ ସମୟ ଲାଗିଥିଲା। ସେହିପରି ବଡବିଲ ଷ୍ଟେଶନ ରୋଡସ୍ଥିତ ଏକ ଗଛ ଭାଙ୍ଗି ବିଦ୍ୟୁତ ତାର ଉପରେ ପଡିଯିବାରୁ ଖୁଣ୍ଟ ଭାଙ୍ଗି ରାସ୍ତା ଉପରେ ପଡ଼ିଥିଲା। ଫଳରେ ବିଦ୍ୟୁତ୍ ସରବରାହ କଟି ଲୋକେ ହନ୍ତସନ୍ତ ହୋଇଥିଲେ। ଟ୍ରାନ୍ସଫର୍ମର ଗୁଡ଼ିକରେ ଅଧିକ ଲୋଡ ରହୁଥିବାରୁ ବାରମ୍ବାର ଟ୍ରିପ୍ ହୋଇ ବିଦ୍ୟୁତ୍ ସରବରାହରେ ବ୍ୟାହତ ଅନ୍ୟ ଏକ କାରଣ ହୋଇଛି। ଏ ନେଇ ବିଭାଗ ପକ୍ଷରୁ ଆବଶ୍ୟକ ବ୍ୟବସ୍ଥା କରିବାକୁ ସାଧାରଣରେ ଦାବି ହୋଇଛି।

# ଭଙ୍ଗାଦଦରା ଘରେ କୁମତିଙ୍କ ପରିବାର

## ପଞ୍ଚାୟତ, ବ୍ଲକ୍‌ରେ ଗୁହାରି କରି ବି ଆବାସ ମିଳିନି

କେନ୍ଦୁଝର,୨୯।୫(ନରେଶ ଚନ୍ଦ୍ର ପଟ୍ଟନାୟକ)

ସରକାର ଗାଁ, ସହରରେ ଗୃହହୀନଙ୍କ ପାଇଁ ବିଭିନ୍ନ ଯୋଜନାରେ ପକ୍କାଘର ଯୋଗାଇଦେଉଛନ୍ତି। କିନ୍ତୁ ଅନେକ ଗ୍ରାମରେ ବହୁ ଗୃହହୀନ ଲୋକ ଘର ପାଉ ନ ଥିବାରୁ ମାଟି ବା କଚ୍ଚାଘରେ ବିପଦପୂର୍ଣ୍ଣଭାବେ ରହିବାକୁ ବାଧ୍ୟ ହେଉଛନ୍ତି। ସେଭଳି ଜଣେ ଅସହାୟ ବିଧବା ମହିଳା କୁମତି ନାଏକ ୨ଟି ଛୁଆଙ୍କୁ ନେଇ ଭଙ୍ଗାଘରେ ବସବାସ କରିଆସୁଛନ୍ତି। ଅନେକ ବାର ଗୁହାରି କରିଥିଲେ ହେଁ ଆଜି ପର୍ଯ୍ୟନ୍ତ ତାଙ୍କୁ ଘର ଖଣ୍ଡେ ମିଳିପାରିନାହିଁ।

କେନ୍ଦୁଝର ଜିଲା ଘଟଗାଁ ବ୍ଲକ୍ ତରା ପଞ୍ଚାୟତ ତରା ଗ୍ରାମରେ କୁମତିଙ୍କ ଘର। ପ୍ରାୟ ୧୬ ବର୍ଷ ପୂର୍ବେ ସେ ସ୍ୱାମୀଙ୍କୁ ହରାଇବା ପରେ ପର ଘରେ ମୂଲ ଲାଗି ପରିବାର ପ୍ରତିପୋଷଣ କରି ଆସୁଛନ୍ତି। କୁମତି ନଡ଼ା ଛପର ଭଙ୍ଗା ଦଦରା ଘରେ



ଛୁଆ ପିଲାଙ୍କୁ ଧରି ରହୁଛନ୍ତି। ଅସରାଏ ବର୍ଷା ହେଲେ ଘର ଭିତରେ ଆଣ୍ଠୁଏ ପାଣି ଜମୁଛି। ଫଳରେ ବର୍ଷା ହେଲେ ପଡ଼ୋଶୀଙ୍କ ଘରର ବାରଣ୍ଡାରେ ଛୁଆ ୨ଟି ଆଶ୍ରୟ ନେଉଥିବା କଥା କୁମତି କହିଛନ୍ତି। ବହୁବାର ସ୍ଥାନୀୟ ସରପଞ୍ଚ, ବ୍ଲକ୍ ପ୍ରଶାସନକୁ ଗୁହାରି କରିଥିଲେ ହେଁ ଅଦ୍ୟାବଧି ପ୍ରଧାନମନ୍ତ୍ରୀ ଆବାସ ଯୋଜନା କିମ୍ବା ବିଜୁ ପକ୍କା ଘର ଖଣ୍ଡିଏ ମିଳିପାରି ନାହିଁ। ଆଗକୁ ବର୍ଷା ଦିନ ଆସୁଥିବାରୁ ଭଙ୍ଗା ଘରର ଅବସ୍ଥା କ'ଣ ହେବ ବୋଲି ପ୍ରଶ୍ନ ଉଠୁଛି। ଖବର ପାଇ ଯୁବ ଓ ଶ୍ରମ ବିକାଶ ମଞ୍ଚ କେନ୍ଦୁଝରଗଡ଼ ପକ୍ଷରୁ ଉପସଭାପତି ଜୟକୃଷ୍ଣ ନାଏକ ଉକ୍ତ ଘରକୁ ପରିଦର୍ଶନ କରିବାକୁ ଯାଇଥିଲେ। ପରିଦର୍ଶନକରି ସମସ୍ୟାର ଶୀଘ୍ର ସମାଧାନ ଏବଂ ବିଧବା ମହିଳା କୁମତିଙ୍କୁ ତୁରନ୍ତ ଘର ଖଣ୍ଡିଏ ଯୋଗାଇଦେବାକୁ ଘଟଗାଁ ବିଡିଓ ଓ ଜିଲା ପ୍ରଶାସନଙ୍କୁ ଅନୁରୋଧ କରିଛନ୍ତି। ସଦସ୍ୟା ଶୈଳବାଳା ପରିଡ଼ା, ପୁଷ୍ପାଞ୍ଜଳି ବେହେରା, ରଞ୍ଜିତା ବେହେରା, ସରୋଜ ସାହୁ, ଶମ୍ଭୁନାଥ ନାଏକ, ହାଡ଼ିବନ୍ଧୁ ନାଏକ, ବିପିନ ବିହାରୀ ମିଶ୍ର ପ୍ରମୁଖ କୁମତିଙ୍କୁ ସରକାରଙ୍କ ତରଫରୁ ଘର ଖଣ୍ଡିଏ ଯୋଗାଇଦେବାକୁ ଦାବି କରିଛନ୍ତି।

# ଲୋକାୟୁକ୍ତରେ ଶୁଣାଣି ଜୁଲାଇ ୧୯କୁ ଘୁଞ୍ଚିଲା

## ଉନ୍ନୟନ କାର୍ଯ୍ୟରେ ଅନିୟମିତତା ପ୍ରସଙ୍ଗ

ହାଟଡ଼ିହୀ,୨୯।୫(ଶୁଭକାନ୍ତ ନାୟକ)

କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍‌ରେ ସରକାରୀ ଉନ୍ନୟନ କାର୍ଯ୍ୟରେ ଅନିୟମିତତା ନେଇ ଲୋକାୟୁକ୍ତରେ ମାମଲା ହୋଇଥିଲା। ତିନି ଜଣିଆ ବେଞ୍ଚରେ ଉକ୍ତ ମାମଲା ଶୁଣାଣି ଚାଲିଥିଲା। କୋରମ ଅଭାବରୁ ଶୁଣାଣି ଆସନ୍ତା ଜୁଲାଇ ୧୯କୁ ଶୁଣାଣି ଘୁଞ୍ଚିଥିବା ଆଇନଜୀବୀ ପ୍ରଶାନ୍ତ କୁମାର ଶତପଥୀ ଏବଂ ପର୍ଶୁରାମ ପଣ୍ଡା ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ଲୋକାୟୁକ୍ତରେ ଦାୟର ମାମଲା (ନଂ. ଏଲୱାଇ ୬୦୩/୨୦୨୦ ଏବଂ ୧୨୨୫/୨୦୨୦) ଅନୁସାରେ ଗତ ୨୦୧୫–୨୦୧୬ରୁ ୨୦୨୦–୨୦୨୧ ବର୍ଷ ପର୍ଯ୍ୟନ୍ତ ସରକାରୀ ଉନ୍ନୟନ କାର୍ଯ୍ୟର ଅଡିଟ୍ ନିର୍ଦ୍ଦେଶ ହୋଇଥିଲା। ଅଡିଟ୍ ରିପୋର୍ଟ ଆଧାରରେ ଅନିୟମିତତା ହୋଇଥିବା ଜଣାପଡ଼ିବା ପରେ ଲୋକାୟୁକ୍ତ ଶତାଧିକ ସରକାରୀ କର୍ମଚାରୀ ଏବଂ ଲୋକ ପ୍ରତିନିଧିଙ୍କୁ ନୋଟିସ୍ ଜାରି କରି ଜବାବ ତଲବ କରିଥିଲେ। ଅପରପକ୍ଷେ ସରକାରୀ କର୍ମଚାରୀମାନେ କେନ୍ଦୁଝର ଜିଲାପାଳଙ୍କୁ ଲୋକାୟୁକ୍ତ ମଗାଇଥିବା କାର୍ଯ୍ୟାନୁଷ୍ଠାନ ସମ୍ପର୍କିତ ରିପୋର୍ଟ ଆଦେଶକୁ ହାଇକୋର୍ଟଙ୍କ ନିକଟରେ ଚ୍ୟାଲେଞ୍ଜ କରିଥିଲେ। କୌଣସି ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବନି ବୋଲି ହାଇକୋର୍ଟ ନିର୍ଦ୍ଦେଶ ଜାରି କରିଥିଲେ। ଯାହାକି ଏବେ ହାଇକୋର୍ଟରେ ବିଚାରାଧୀନ ରହିଛି। ମଧ୍ୟବର୍ତ୍ତୀ କାଳୀନ ସ୍ଥଗିତାଦେଶ ବଳବତ୍ତର ରହିଥିବା ଆଇନଜୀବୀ ଶତପଥୀ ଏବଂ ପଣ୍ଡା ଲୋକାୟୁକ୍ତ ନିକଟରେ ମତ ରଖିଥିଲେ।

# ଅସହ୍ୟ ଗୁଳୁଗୁଳି, ଜନଜୀବନ ଅସ୍ତବ୍ୟସ୍ତ

## ୩ ମାସରେ ୬୨ ଅଂଶୁଘାତ ରୋଗୀ ଚିକିତ୍ସିତ

କେନ୍ଦୁଝର,୨୯।୫(ନରେଶ ଚନ୍ଦ୍ର ପଟ୍ଟନାୟକ)

ଚଳିତ ବର୍ଷ କେନ୍ଦୁଝର ଜିଲାରେ ଅଧିକ ଗରମ ଓ ଗୁଳୁଗୁଳି ଅନୁଭୂତ ହେଉଛି। ଫଳରେ ଜନଜୀବନ ଅସ୍ତବ୍ୟସ୍ତ ହୋଇ ପଡ଼ିଥିବା ବେଳେ ଗତ ୨ ଦିନ ହେଲା ଗୁଳୁଗୁଳି ପରିସ୍ଥିତିକୁ ଅଧିକ ଜଟିଳ କରିଦେଇଛି। ଏପରିକି ପବନ ପ୍ରବାହ ବନ୍ଦ ହୋଇଯାଉଥିବା ବେଳେ ମଝିରେ ମଝିରେ ବିଦ୍ୟୁତ୍ କାଟ ଯୋଗୁ ଲୋକେ ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଚଳିତ ବର୍ଷ ତାପମାତ୍ରା ପାଖାପାଖି ୪୪ ଡିଗ୍ରୀରେ ପହଞ୍ଚିଛି। ଫଳରେ ଗତ ୨ ମାସ ହେଲା ଲୋକେ ଗରମରେ ବହୁ କଷ୍ଟ ଭୋଗୁଛନ୍ତି। ଏକଦା ଥଣ୍ଡା ପରିବେଶ ପାଇଁ ପ୍ରସିଦ୍ଧି ଲାଭ କରିଥିବା କେନ୍ଦୁଝର ଜିଲା ଏବେ ଉତ୍ତପ୍ତ ଜିଲାରେ ପରିଣତ ହୋଇଛି। ଏପରିକି ରାଜ୍ୟର ସବୁଠାରୁ ଉତ୍ତପ୍ତ ସହର ଭାବେ ତାପମାତ୍ରା ରେକର୍ଡ କରାଯାଇଥିଲା। ଏଭଳି ଗରମ ପୂର୍ବରୁ କେବେ ହୋଇ ନ ଥିଲା ବୋଲି ବୟୋଜ୍ୟେଷ୍ଠ ଲୋକମାନେ ମତବ୍ୟକ୍ତ କରିଛନ୍ତି। ଗତ ୩ ମାସ ମଧ୍ୟରେ ୬୨ ଜଣ ଲୋକ ଅଂଶୁଘାତର ଶିକାର ହୋଇ ଚିକିତ୍ସିତ ହୋଇଛନ୍ତି। କାହାରି ମୃତ୍ୟୁ ହୋଇ ନ ଥିଲେ ବି ପୂର୍ବରୁ ଏତେ ସଂଖ୍ୟାରେ ରୋଗୀ ଚିହ୍ନଟ ହୋଇ ନ ଥିଲେ। ସବୁ ମେଡିକାଲରେ ଅଂଶୁଘାତ ରୋଗୀଙ୍କ ଚିକିତ୍ସା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି ବୋଲି ସିଡିଏମ୍‌ଓ ଡା. କିଶୋର ଚନ୍ଦ୍ର ପୃଷ୍ଟି କହିଛନ୍ତି।

# ତୋଟା ଆମ୍ବ ସ୍ଥାନ ନେଇଛି କଲମି

## ରାସ୍ତାକଡ଼ରେ ମେଲିଲାଣି ଆମ୍ବ ପସରା

କେନ୍ଦୁଝର,୨୯।୫(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲାର ରାସ୍ତାକଡ଼ ଓ ହାଟବଜାରରେ ଦେଶୀ ଓ କଲମି ବା ହାଇବ୍ରିଡ୍ ଆମ୍ବର ପସରା ମେଲିଲାଣି। ରାସ୍ତାରେ ଯାଉଥିବା ସାଧାରଣ ଲୋକ ତଥା ପର୍ଯ୍ୟଟକମାନେ ଗାଡ଼ିରୁ ଓହ୍ଲାଇ ରାସ୍ତାକଡ଼ରୁ ଆମ୍ବ କିଣି ସେଠାରେ ଖାଇବାର ମଜା ଉଠାଉଥିବା ଦେଖିବାକୁ ମିଳୁଛି। ପୂର୍ବରୁ ଜିଲାରେ ଖଟାମିଠା ଦେଶୀ, ତୋଟା ଆମ୍ବର ବହୁ ଆଦର ଥିଲା। ଏଠାରୁ ଅନ୍ୟ ରାଜ୍ୟକୁ ମଧ୍ୟ ଆମ୍ବ ଚାଲାଣ ହେଉଥିଲା। ମାତ୍ର ଏବେ ଦେଶୀ ଆମ୍ବ ଅପେକ୍ଷା ମିଠା କଲମି ଆମ୍ବର ଚାହିଦା ଅଧିକ ରହିଛି।

ପ୍ରକାଶ ଯେ, ଜିଲାରେ ଏବେ ଦେଶୀ ଆମ୍ବ ବଦଳରେ କଲମି ଆମ୍ବର ଚାଷ ହେଉଛି। ଏଣୁ ଯେଉଁ ସମୟରେ ରାସ୍ତାଘାଟ ଓ ହାଟବଜାରରେ ଦେଶୀ ଆମ୍ବର ପସରା ମେଲିବା କଥା ସେହି ସମୟରେ କଲମି ଆମ୍ବର ପସରା ଦେଖିବାକୁ ମିଳୁଛି। ଏବେ ବଜାରରେ ହେମସାଗର, ଦସରୀ, ଲାଠସୁନ୍ଦରୀ, ବାଇଗଣପଲେଇ ଭଳି ବହୁ କିସମର ଆମ୍ବ ମିଳୁଛି। ଆଗଭଳି ଦେଶୀ



ସୁଢ଼ି ବା ତୋଟା ଆମ୍ବ ଆଉ ମିଳୁନାହିଁ। ଯଦିଓ କଲମୀ ଆମ୍ବ ସୁସ୍ୱାଦୁ, କିନ୍ତୁ ଦେଶୀ ଆମ୍ବର ବିକଳ୍ପ ନୁହେଁ ବୋଲି ଅନେକେ ମତବ୍ୟକ୍ତ କରୁଛନ୍ତି। ଆଗରୁ ମଧ୍ୟ ବାହର ରାଜ୍ୟରୁ କଲମି ଆମ୍ବ ଆସୁଥିଲା। ଉଦ୍ୟାନ ବିଭାଗ ଦ୍ୱାରା କଲମି ଆମ୍ବର ଚାଷ ବହୁଳ ପରିମାଣରେ କରାଯାଉଥିବାରୁ ଚାଷୀ କଲମି ପ୍ରତି ଆଗ୍ରହ ପ୍ରକାଶ କରୁଛନ୍ତି। ମାତ୍ର ଉପଯୁକ୍ତ ବଜାର ଓ ସଂରକ୍ଷଣ ବ୍ୟବସ୍ଥା ନ ଥିବାରୁ ଚାଷୀ ଉପଯୁକ୍ତ ମୂଲ୍ୟ ପାଉନାହାନ୍ତି। ଏହି କାରଣରୁ ଚାଷୀ ଆମ୍ବ ବାଗାନକୁ ବେପାରୀଙ୍କୁ ବହୁ କମ୍ ମୂଲ୍ୟରେ ଲିଜ୍ ଦେଉଥିବା ଦେଖିବାକୁ ମିଳୁଛି। ଫଳରେ ଚାଷୀମାନେ ଉଚିତ ମୂଲ୍ୟ ପାଇପାରୁନାହାନ୍ତି। ବିଶେଷକରି ଜିଲାର ବାଂଶପାଳ, ତେଲକୋଇ, ହରିଚନ୍ଦନପୁର, ସଦର, ଘଟଗାଁ ଆଦି ବ୍ଲକ୍ ଅଞ୍ଚଳରେ ଏକଦା ଦେଶୀ ଆମ୍ବ ଅଧିକ ମିଳୁଥିଲା। ଏବେ ଏହି ଅଞ୍ଚଳରେ କଲମି ଆମ୍ବ ଚାଷ ଜୋରସୋରରେ ଚାଲିଛି। ଆମ୍ବ ସାଇତି ରଖିବା ପାଇଁ ଶୀତଳଭଣ୍ଡାର ନ ଥିବାରୁ ଚାଷୀ କମ୍ ଦାମ୍‌ରେ ବିକିବା ପାଇଁ ବାଧ୍ୟ ହୋଇଥାଆନ୍ତି। ବ୍ୟବସାୟୀ ଟ୍ରିପ୍ ଟ୍ରିପ୍ ଆମ୍ବ ଜିଲା ଓ ଜିଲା ବାହାରକୁ ନେଇ ବିକ୍ରିକରି ବେଶ୍ ଲାଭବାନ୍ ହୋଇଥାନ୍ତି ବୋଲି କୃଷକ ନେତା କୀର୍ତ୍ତନ ବିହାରୀ ଜେନା କହିଛନ୍ତି। ଅନ୍ୟପକ୍ଷେ ରାସ୍ତା ସମ୍ପ୍ରସାରଣ ଓ ଜଙ୍ଗଲ ନଷ୍ଟ ଯୋଗୁ ପୁରୁଣା ଆମ୍ବଗଛ ସବୁ ଲୋପପାଇଗଲାଣି। ସେହିପରି ଗାଁଗଣ୍ଡାରେ ମଧ୍ୟ କଲମି ଆମ୍ବଗଛ ବାଗାନ ସୃଷ୍ଟି ହୋଇଥିବାରୁ ପୁରୁଣା ଆମ୍ବଗଛ ଓ ଆମ୍ବତୋଟା ଆଦି ମଧ୍ୟ ସରିଗଲାଣି। କମ୍ ଦିନରେ ମିଠା ଆମ୍ବ ଗଛ ଫଳ ଦେଉଥିବାରୁ କଲମି ଆମ୍ବ ଦେଶୀ ଆମ୍ବର ସ୍ଥାନ ନେଇଯାଇଛି। ଏହି ଆମ୍ବ ଏବେ କେନ୍ଦୁଝର ଜିଲାରୁ ଝାଡ଼ଖଣ୍ଡ, ବିହାର, ପଶ୍ଚିମବଙ୍ଗ, ଉତ୍ତରପ୍ରଦେଶ, ଦିଲ୍ଲୀ ଆଦି ରାଜ୍ୟକୁ ଚାଲାଣ ହେଉଛି। କିନ୍ତୁ ଏଥିରେ ଚାଷୀଙ୍କ ଅପେକ୍ଷା ବ୍ୟବସାୟୀ ଅଧିକ ଲାଭ କରୁଥିବାରୁ ପ୍ରଶାସନର ସହଯୋଗ ଜରୁରୀ ବୋଲି ଆମ୍ବଚାଷୀ ହରେକୃଷ୍ଣ ମହାନ୍ତ କହିଛନ୍ତି। ସୂଚନାଯୋଗ୍ୟ, ବଣପାହାଡ଼ ଘେରା କେନ୍ଦୁଝର ଜିଲାରେ ଆଦିବାସୀମାନେ ଜଙ୍ଗଲୀ ଫଳ ବିଶେଷକରି ଆମ୍ବ ଋତୁରେ ଜଙ୍ଗଲ ପାହାଡ଼ ବୁଲି ଆମ୍ବ ସଂଗ୍ରହକରି ହାଟବଜାରରେ ବିକି ତେଲ ଲୁଣ ସଂସାର ଚଳାଉଥିଲେ। ତେବେ ବିଭିନ୍ନ କାରଣରୁ ପୁରୁଣା ଆମ୍ବ ଗଛ ନଷ୍ଟହୋଇଯିବା ଫଳରେ ଏହା କମିବାକୁ ବସିଲାଣି। ପାରମ୍ପରିକ ଆମ୍ବଗଛ ନଷ୍ଟ ହୋଇଯାଉଥିବାରୁ ସେସବୁର ସୁରକ୍ଷା ଜରୁରୀ ବୋଲି ପରିବେଶବିତ୍ ଡ. ବିମ୍ବାଧର ବେହେରା କହିଛନ୍ତି।

